

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୧ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 NOVEMBER 2021

Vol.No. 32 ■ No. 278 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଷ୍ଟ୍ରୀୟ ଏକତା ଦିବସରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ୍



ନୂଆଦିଲ୍ଲୀ,୩୧/୧୦: ଆଜି ସର୍ଦ୍ଦାରବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ । ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ମଧ ପାଳନ କରାଯାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଭିଡିଓ ବାର୍ତ୍ତା ଜାରି କରି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧୀତ କରି କହିଛନ୍ତି, ଦେଶକୁ ସର୍ବୋଚ୍ଚ ସ୍ଥାନକୁ ନେଇଯିବା ପାଇଁ ଆମ ସରକାର ସବୁବେଳେ ଚେଷ୍ଟିତ । ଭାରତ କେବଳ ଏକ ଭୌଗୋଳିକ ୟୁନିଟ୍ ନୁହେଁ । ଦେଶରେ ୧୩୦ କୋଟିରୁ ଅଧିକ ଲୋକ ରହୁଛନ୍ତି । ଏଠାରେ ଏକତା ଦେଶକୁ ଏକ ନୂଆ ପରିଚୟ ଦେଇଛି । ଆଜି ଭାରତ ଆତ୍ମନିର୍ଭରଶୀଳତାର ଏକ ନୂଆ ଉଚ୍ଚତାରେ ଚାଲୁଛି । ଆମ ସରକାର ଏପରି ଏକ ଭାରତ ଗଠନ କରିବାକୁ ଚାହେଁ, ଯେଉଁଠାରେ ଦେଶରେ ଦଳିତ, ବଞ୍ଚିତ, ଆଦିବାସୀ, ବନବାସୀ ଭଳି ସବୁ ସମ୍ପ୍ରଦାୟର ଗରିବ ଲୋକେ ନିଜକୁ ସାମାନ ବୋଲି ଭାବିବେ । ଦୁରଦୂରାନ୍ତର ଯାଏଁ ବିଶ୍ୱାସର ଏକ ବାତାବରଣ ସୃଷ୍ଟି କରିବାକୁ ଚାହେଁ ଆମ ସରକାର । ପରସ୍ପର ମଧ୍ୟରେ ଏକତା ରହିଲେ ଦେଶ ଆଗକୁ ବଢ଼ିବ ।

## ମମିତା ହତ୍ୟା ମାମଲା: ପଲ୍ଲୀରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ

ନୂଆଦିଲ୍ଲୀ,୩୧/୧୦: ମମିତା ହତ୍ୟା ମାମଲାକୁ ନେଇ ପଲ୍ଲୀରୁ ଦିଲ୍ଲୀ ଯାଏଁ ଆନ୍ଦୋଳନକୁ ଓହ୍ଲାଇଛି ବିଜେପି । ଆଜି ଦିଲ୍ଲୀର ପଟେଲ ଚୌକଠାରେ ବିଜେପି କର୍ମୀ ମମିତାଙ୍କ ପରିବାରକୁ ନ୍ୟାୟ ଓ ସିବିଆଇ ତଦନ୍ତ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ବିରୋଧ ପ୍ରଦର୍ଶନ କରାଯାଇଛି । ହାତରେ ପ୍ଲାକାର୍ଡ ଧରି ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିବା ସହ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି ବିଜେପି କର୍ମୀ । ବିଜେପିର ଏହି ପ୍ରତିବାଦ ସଭାରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସାମିଲ ହୋଇଥିଲେ । ମମିତା ମୃତ୍ୟୁ ମାମଲାର ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଜେପି କର୍ମୀ ।

## ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଓ ମହଙ୍ଗା ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇଲା ବିଜେଡି



ଭୁବନେଶ୍ୱର,୩୧/୧୦(ନି.ପ୍ର): ମମିତାଙ୍କୁ ନ୍ୟାୟ ଦାବିରେ ବିରୋଧୀ ରାସ୍ତାକୁ ଓହ୍ଲାଇଛନ୍ତି । ସେପଟେ ଦରଦାମ ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ବିଜେଡି । ଘୋଡା ଗାଡି ଓ ସାଇକେଲରେ ଶୋଭାଯାତ୍ରା କରି ରାଜଭବନ ଆଗରେ ପହଞ୍ଚିଥିଲେ ବିଜେଡି କର୍ମୀ । ରାଜଭବନ ଆଗରେ ଚୁଲି ଜାଳି ରୋଷେଇ କରି ପ୍ରତିବାଦ କରିଛି ବିଜେଡି । ଗୋଟିଏ ପଟେ ମମିତା ମେହେର ମୃତ୍ୟୁ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାର୍ଗେଟ କରୁଛି ବିରୋଧୀ, ଆଉ ଏପଟେ ପେଟ୍ରୋଲ ଦର ଓ ମହଙ୍ଗା ମାଡକୁ ମୁଦ୍ଦା କରି ରାସ୍ତାକୁ ଓହ୍ଲାଇଛି ବିଜେଡି । ସାଇକେଲ ଓ ଘୋଡାଗାଡିରେ ଶୋଭାଯାତ୍ରା କରି ଦଳ କହିବାକୁ ଚାହୁଁଛି ମୋଦି ସରକାରଙ୍କ ନୀତି ପାଇଁ ଆଉ ଗାଡି ଚଳାଇହେବନାହିଁ । ଏପଟେ ରାଜଭବନ ସମ୍ମୁଖରେ ଗ୍ୟାସ ଟାଙ୍କି ରଖି ଚୁଲି ଜାଳି ବିଜେଡି କର୍ମୀ ପ୍ରତିବାଦ କରିଛନ୍ତି । ସାଇକେଲ ଶୋଭାଯାତ୍ରା କରି ବିଜୁ ଯୁବ ଓ ମହିଳା ବିଜେଡି କର୍ମୀ ଦଳୀୟ କାର୍ଯ୍ୟାଳୟରୁ ରାଜଭବନ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଏକ ପ୍ରତିନିଧି ଦଳ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେଇଛନ୍ତି । ଦର ବୃଦ୍ଧି ପାଇଁ କେନ୍ଦ୍ରରେ ବିଜେପି ସରକାରଙ୍କୁ ଦାୟୀ କରିଛି ବିଜୁ ଜନତା ଦଳ । ଆଗକୁ ପଞ୍ଚାୟତ ନିର୍ବାଚନ । ଆଉ ଏହି ସମୟରେ ଆଇନଶୃଙ୍ଖଳାକୁ ଢାଲ କରିଛି ବିରୋଧୀ । ଆଉ ବିଜେଡି ତେଲ ଓ ମହଙ୍ଗାମାଡକୁ ନେଇ ଆନ୍ଦୋଳନ ଆରମ୍ଭ କରିଛି ।

## ଜାରି ହେଲା ନଭେମ୍ବର ଗାଇଡ୍ ଲାଇନ୍



ଭୁବନେଶ୍ୱର,୩୧/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ କମିଶନର ନଭେମ୍ବର ମାସ ଲାଗି କୋଭିଡ୍ ଗାଇଡଲାଇନ୍ ଜାରି କରିଛନ୍ତି । ଗାଇଡ୍‌ଲାଇନ୍ ଅନୁସାରେ ସରକାର ପୂର୍ବପରି କଂଟେନମେଂଟ ଜୋନ୍ ଗୁଡ଼ିକରେ ଲକଡାଉନ୍ ବଳବତର ରହିବ । ପୂର୍ବ ଭଳି ରାଜ୍ୟରକୌଣସି ସହରରେ ସପ୍ତାହାନ୍ତ ସଟଡାଉନ ଲାଗୁ ହେବ ନାହିଁ । ସହରାଂଚଳରେ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଲାଗୁ ହେବ । ତେବେ ନାଇଟ କର୍ଫ୍ୟୁ ସମୟରେ ଜରୁରୀ ସେବା ଜାରି ରହିବ । ତେବେ ଆଗକୁ ଦୀପାବଳି ଥିବା ବେଳେ ବାଣ ବିକ୍ରି ଏବଂ ବ୍ୟବହାରକୁ ନେଇ ପରେ ଗାଇଡଲାଇନ ଜାରି କରାଯିବ ବୋଲି କୁହାଯାଇଛି । କଂଟେନମେଂଟ ଜୋନ୍‌ରେ ଏହି ନିଷେଧାଦେଶ ଆସନ୍ତା ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବଳବତର ରହିବ ଏବଂ କୋଭିଡ୍ -୧୯ ସଂକ୍ରମଣ ଶୃଙ୍ଖଳାକୁ ଫଳପ୍ରଦ ଭାବରେ ଭାଙ୍ଗିବା ଉଦ୍ଦେଶ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବ । କେବଳ ମାତ୍ର ଜରୁରୀ କାର୍ଯ୍ୟକଳାପ ପାଇଁ ଅନୁମତି ମିଳିବ ।

## ଆସୁଛି ପଞ୍ଚାୟତ ନିର୍ବାଚନ, ଲୋକଙ୍କ ନିକଟତର ହେଉଛି କଂଗ୍ରେସ

ଭୁବନେଶ୍ୱର,୩୧/୧୦(ନି.ପ୍ର): ପୂର୍ବତନ ସାଂସଦ ତଥା ନବରଙ୍ଗପୁର କଂଗ୍ରେସ ରାଜନୀତିର ଜଣେ ପ୍ରମୁଖ ଚେହେରା ପ୍ରଦୀପ ମାଝୀ ଦଳ ଛାଡିଦେବା ପରେ ଶକ୍ତି ପ୍ରଦର୍ଶନ କରୁଛି କଂଗ୍ରେସ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସରେ ନବରଙ୍ଗପୁର ପାପଡାହାଣ୍ଡିରେ ଆୟୋଜନ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ପାପଡାହାଣ୍ଡି ବ୍ଲକର ଜଳାବାଟ ହାଇସ୍କୁଲ ପଡିଆରେ ପ୍ରତିପକ୍ଷଙ୍କୁ ଦଳର ଏକତା ପ୍ରଦର୍ଶନ କରିବ କଂଗ୍ରେସ । ପଂଚାୟତ ନିର୍ବାଚନ ପୂର୍ବରୁ ଦଳ ଏକାଠି ରହିଥିବା ବର୍ତ୍ତା ଦେବାପାଇଁ ଏଭଳି ଏକ ରଣନୀତି କରାଯାଇଛି । ରାଜ୍ୟ ପ୍ରଭାରୀ ଚେଲା କୁମାରଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଏଆଇସିସି ସାଧାରଣ ସଂପାଦକ ରୁଦ୍ର ରାଜୁ, ସାଧାରଣ ସଂପାଦକ ମୋହନ ପ୍ରକାଶ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀଙ୍କୁ ଛାତ୍ର କଂଗ୍ରେସର କାଳି ଓ ଅଣ୍ଡାମାଡ଼



ଭୁବନେଶ୍ୱର,୩୧/୧୦ (ନି.ପ୍ର): ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଗୃହ ରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଏୟାରପୋର୍ଟ ଛକଠାରେ କଳା ପତାକା ପ୍ରଦର୍ଶନ କରିବା ସହ କାଳି ଓ ଅଣ୍ଡାମାଡ଼ କରିଛନ୍ତି । ଆଜି ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ର କଂଗ୍ରେସ କର୍ମୀ ସକାଳ ୮ ଟା ସମୟରେ ଛଅ ନମ୍ବର ହସପିଟାଲ ଠାରୁ ଏୟାରପୋର୍ଟ ଠାରେ ଥିବା ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଏକ ବିଶାଳ ର୍ୟାଲିରେ ଯାଇଥିଲା । ଛାତ୍ର କଂଗ୍ରେସର ପ୍ରସ୍ତୁତି ଦେଖି ପୋଲିସ ନିର୍ଦ୍ଧାରିତ ରାସ୍ତା ବଦଳାଇ ନବୀନ ନିବାସ ଦେଇ କେନ୍ଦ୍ରମନ୍ତ୍ରୀଙ୍କୁ ନେଇଯାଇଥିଲେ । ମାତ୍ର ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଚାରିପଟୁ ଜଗିଥିଲେ । ସେମାନେ ହତ୍ୟାକାରୀ ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ କାଳି ଓ ଅଣ୍ଡାମାଡ଼ କରିଥିଲେ । ଏହି ପ୍ରରୀପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ଲକ୍ଷୀମ୍ପୁର ଖେରୀ କୃଷକ ହତ୍ୟା ମାମଲାର ମୁଖ୍ୟ ଅପରାଧି ହେଉଛନ୍ତି ମନ୍ତ୍ରୀ ଅଜୟ ମିଶ୍ର । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମନ୍ତ୍ରୀଙ୍କର ଅପରାଧକୁ ଘଂଟ ଘୋଡାଉଛନ୍ତି । ଏହି ମନ୍ତ୍ରୀଙ୍କର ପୁଅ ଆଶିଷ ମିଶ୍ର ଚାଷୀ ଆନ୍ଦୋଳନକୁ ଦମନ କରିବାପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନରତ ▶▶ପୃଷ୍ଠା ୭

## ଦୀପାବଳୀ ପରେ ଖୋଲିପାରେ ସ୍କୁଲ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୩୧/୧୦ (ନି.ପ୍ର): ଦୀପାବଳୀ ପରେ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ଖୋଲିପାରେ ସ୍କୁଲ୍ । କରୋନା ତୃତୀୟ ଲହର ଆସିବା ସମ୍ଭାବନା କମି କମି ଆସିଲାଣି । ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସ୍କୁଲ୍ ରେ ହେଉଛି । ତେଣୁ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ମଧ ସ୍କୁଲ୍ ଖୋଲିବାକୁ ସରକାର ତୁରନ୍ତ ନିଷ୍ପତି ନେବେ । ଦୀପାବଳି ପରେ ଯେକୌଣସି ସମୟରେ ସରକାର ଏନେଇ ନିଷ୍ପତି ନେଇପାରନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ଏକକାଳୀନ ପ୍ରଥମରୁ ସପ୍ତମ ଶ୍ରେଣୀ ଖୋଲିବା ଠିକ୍ ହେବନି । ତେଣୁ ପର୍ଯ୍ୟାୟକ୍ରମେ ଏଗୁଡ଼ିକୁ ଖୋଲିବାକୁ ବିଚାର କରାଯାଉଛି । ସୂଚନାଯୋଗ୍ୟ, ଏବେ ରାଜ୍ୟରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯଥାକ୍ରମେ ସ୍କୁଲ୍ ତଥା କଲେଜ ଯାଉଛନ୍ତି । ଶ୍ରେଣୀ ଗୃହରେ ସେମାନଙ୍କ ପାଠପଢ଼ା ହେଉଛି । ସେହିପରି ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ମଧ ଶ୍ରେଣୀ ଗୃହରେ ପାଠପଢ଼ା ହେଉଛି । ନଭେମ୍ବର ପହିଲାରୁ ୟୁଜି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ ଶ୍ରେଣୀ ଗୃହରେ ହେବ । ସେହିଭଳି ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନଭେମ୍ବର ୧୫ରୁ ପିଜି ପ୍ରଥମ ବର୍ଷର ପାଠପଢ଼ା ମଧ ଶ୍ରେଣୀ ଗୃହରୁ ଆରମ୍ଭ ହେବ ।

## ମୋଦିଙ୍କ ସରକାର ସମୟରେ ଗରିବ ଲୋକଙ୍କୁ ସର୍ବାଧିକ ଗୁରୁତ୍ୱ : ଧର୍ମେନ୍ଦ୍ର



ଭୁବନେଶ୍ୱର,୩୧/୧୦(ନି.ପ୍ର): ଗରିବ ଲୋକଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ଏବଂ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସବୁଠୁ ଅଧିକ ଲାଭ ଗରିବ ଲୋକଙ୍କୁ ମିଳିଛି ବୋଲି ରବିବାର ଉତରପ୍ରଦେଶର ହାଥରସ ଠାରେ ବୃଜ କ୍ଷେତ୍ରର ମଣ୍ଡଳ ଅଧକ୍ଷ ଏବଂ ମଣ୍ଡଳ ପ୍ରଭାରୀ ବୈଠକରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନା ହେଉ କିମ୍ବା ଗରିବ କଲ୍ୟାଣ ଯୋଜନା, ବିଜେପି ସରକାରରେ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ଲାଭ ସବୁଠ ଅଧିକ ଗରିବ ଲୋକଙ୍କୁ ମିଳିଛି । କରୋନା ସମୟରେ ଲୋକ ମାନଙ୍କୁ ଆବଶ୍ୟକ ଖାଦ୍ୟ ପ୍ରଦାନ କରାଯିବା ସହ ଆର୍ଥିକ ସୁବିଧା ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତରପ୍ରଦେଶର ଜନତା ଏକ ▶▶ପୃଷ୍ଠା ୭

## ଘରୋଇ ହସ୍ପିଟାଲରେ ଭର୍ତ୍ତି ହେଲେ ମନ୍ତ୍ରୀ ପ୍ରତାପ ଜେନା

ଭୁବନେଶ୍ୱର,୩୧/୧୦(ନି.ପ୍ର): ମନ୍ତ୍ରୀ ପ୍ରତାପ ଜେନାଙ୍କୁ ରବିବାର ଅପରାହ୍ନରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅସୁସ୍ଥ ହେବା ପରେ ତାଙ୍କୁ ଫୁଲବାଣୀରୁ ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଅଣାଯାଇଥିଲା । ସ୍ଥାନୀୟ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଁଚିବା ପରେ ତାଙ୍କର ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ସୂଚନାଯୋଗ୍ୟ,ପ୍ରତାପ ଜେନା କନ୍ଧମାଳ ଗସ୍ତରେ ଥିବା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ । ଗତକାଲି ପ୍ରତାପ ଅସୁସ୍ଥ ହେବା ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ । ଆଜି ଦେହ ଅଧିକ ଅସୁସ୍ଥ ହେବାରୁ ସଙ୍ଗେସଙ୍ଗେ ତାଙ୍କୁ ଏୟାରଲିଫ୍ଟ କରି ଆଣିବାକୁ ନିଷ୍ପତି ନିଆଯାଇଥିଲା । ଏହାପରେ ଭୁବନେଶ୍ୱରରୁ ଏକ ଏୟାର ଆମ୍ବୁଲାନ୍ସ ଫୁଲବାଣୀ ଅଭିମୁଖେ ଉଡାଣ ଭରିଥିଲା । ପ୍ରତାପ ଜେନା ଉଭୟ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଗସ୍ତରେ ଥିଲେ । ମାସକ ପୂର୍ବରୁ ମଧ ପ୍ରତାପ ଜେନା ଅସୁସ୍ଥ ହୋଇଥିଲେ । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ତାଙ୍କର ଛାତିରେ ଦୁଇଟି ବ୍ଲକେଜ ଥିବା ଜଣାପଡ଼ିଲା । ଏହାପରେ ଅପ୍ରୋପଚାର କରି ଦୁଇଟି ଷ୍ଟେଂଟ ଲଗାଯାଇଥିଲା ।

## ସ୍ୱଷ୍ଟ ଦିବାଲୋକରେ ହତ୍ୟାକାଣ୍ଡ : ଗୁଳି ପରେ ଯୁବକଙ୍କୁ ହାଣିଲେ ଦୁର୍ବୃତ୍ତ



ବାଲେଶ୍ୱର,୩୧/୧୦ (ନି.ପ୍ର): ସ୍ୱଷ୍ଟ ଦିବାଲୋକରେ ତଥା ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତାରେ ଦୁର୍ବୃତ୍ତମାନେ ଜନୈକ ଯୁବକଙ୍କୁ ଗୁଳି କରିବା ପରେ ଭୁଜାଲିରେ ବେକ କାଟି ନୃଶଂଶ ଭାବେ ହତ୍ୟା କରିବା ଘଟଣାଟୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଏହି ଘଟଣା ଘଟିଛି ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ବଜାରରେ । ରବିବାର ସକାଳ ପ୍ରାୟ ୯ଟା ବେଳେ ସଦର ଥାନାଠାରୁ ମାତ୍ର ୩ଶହ ମିଟର ଦୂର କୁରୁଡ଼ା ଛକରେ ଏହି ନାରକୀୟ କାଣ୍ଡ କରି ଦୁଇ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ମୃତକ ଜଣକ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଶାସଙ୍ଗ ଗ୍ରାମ ପଞ୍ଚାୟତର ଜଗନ୍ନାଥପାଟଣା ଅଞ୍ଚଳର ରବୀନ୍ଦ୍ର ମୋହନ ଦାସଙ୍କ ପୁତ୍ର ବିନୋଦ ବିହାରୀ ଦାସ(୩୦) । ଗତ କିଛିଦିନ ଧରି ସେ ଭାସ୍କରଗଞ୍ଜ ଅଞ୍ଚଳରେ ରହି କାମଧନ୍ଦା କରୁଥିଲେ । ତେବେ ଶନିବାର ସେ ନିଜ ଗାଁ ଜଗନ୍ନାଥପାଟଣାରୁ କୌଣସି କାର୍ଯ୍ୟ ପାଇଁ ବାଇକରେ କୁରୁଡା ଛକକୁ ଆସୁଥିଲେ । କୁରୁଡ଼ା ଛକରେ ସେ ଔଷଧ ନେବା ପାଇଁ ଦୋକାନକୁ ଯାଉଥିବା ବେଳେ ରାସ୍ତାରେ ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛା କରି ବାଇକରେ ଗୋଡ଼ାଇଥିଲେ । ତେବେ ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ରାସ୍ତା ଦେଇ ବିନୋଦ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ପଛରୁ ଗୁଳିମାଡ଼ କରିଥିଲେ । ଗୁଳିମାଡ଼ରେ ସେ ତଳେ ପଡ଼ିଯିବା ପରେ ସେମାନେ ବିନୋଦଙ୍କ ବେକକୁ ଭୁଜାଲିରେ ହାଣି ପକାଇଥିଲେ । ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବିନୋଦଙ୍କୁ ଉଦ୍ଧାର ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପୂର୍ବ ଶତ୍ରୁତାରୁ ବିନୋଦଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଅତରିକ୍ତ ଆରକ୍ଷୀ ଅଧିକ୍ଷକ ଏ କେ ପାଣିଗ୍ରାହୀ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି । ବିନୋଦ ଘରେ ଥିବା ବେଳେ ସକାଳେ ▶▶ପୃଷ୍ଠା ୭

# ଜିଲ୍ଲା ବ୍ରାହ୍ମଣ ସମିତି ଅଧିବେଶନ




ବାଲେଶ୍ୱର,୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ୧୦୪ତମ ଅଧିବେଶନ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରହିତ୍ୟରେ ଦାମୋଦରପୁର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ବୈଠକରେ ବିବରଣୀ ପାଠ କରିଥିଲେ । ଜିଲା ବ୍ରାହ୍ମଣ ସମିତି ଦ୍ୱାରା ପ୍ରସ୍ତାବିତ ବୈଦିକ କର୍ମକାଣ୍ଡ ବିଦ୍ୟାଳୟ, କଲ୍ୟାଣ ମଣ୍ଡପ ନିର୍ମାଣ ଏବଂ ସମସ୍ତ ମଣ୍ଡଳ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳରେ ସଭ୍ୟସଂଖ୍ୟା ବୃଦ୍ଧି ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯାଇ ନିଷ୍ପତ୍ତି ଗୃହୀତ ହୋଇଥିଲା । ଚଳିତ ବର୍ଷ ବାର୍ଷିକ ସାଧାରଣ ସଭା ଆସନ୍ତା ଜାନୁଆରୀ କିମ୍ବା ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଗଲା । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରି ବାଲେଶ୍ୱରରୁ ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଙ୍ଘକୁ ଉତ୍ତର ଓଡ଼ିଶା ଜୋନାଲ୍ ଉପ-ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କ ନାମକୁ ବୈଠକରେ ଅନୁମୋଦନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ ଶକ୍ତିପଦ ପଣ୍ଡା, ହରେକୃଷ୍ଣ ପଣ୍ଡା, ଭୃଗୁରାମ କର, ନିରାକାର ଦାଶ, ସରୋଜ ନାରାୟଣ ଷଡ଼ଙ୍ଗୀ, ବୈଦ୍ୟନାଥ ଆଚାର୍ଯ୍ୟ, କ୍ଷୀତିଶ ଚନ୍ଦ୍ର ପଣ୍ଡା, ରାଧାକୃଷ୍ଣ ଆଚାର୍ଯ୍ୟ, ଦେବବ୍ରତ ପାଣିଗ୍ରାହୀ, ସୁମନ୍ତ ପାଢ଼ୀ, ଲକ୍ଷ୍ମୀଧର ପଣ୍ଡା, ପ୍ରଶାନ୍ତ ଶତପଥୀ, ପ୍ରଦୀପ ଚକ୍ରବର୍ତ୍ତୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ହରିଶ୍ଚନ୍ଦ୍ର ପତି ଆଦି ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପଣ୍ଡିତ ସର୍ବେଶ୍ୱର ପତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝରରେ ରାଜ୍ୟର ପ୍ରଥମ ମିଲେଟ୍ କାଫେ ଉଦଘାଟିତ

କେନ୍ଦୁଝର, ୩୦ ଅକ୍ଟୋବର (ହି.ସ)- ଓଡିଶା ମିଲେଟସ ମିଶନ ଓ ମିଶନ ଶକ୍ତିର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟର କଲେକ୍ଟୋରେଟ୍ ପରିସରରେ "ମିଲେଟ୍ ଶକ୍ତି କାଫେ" ଭିଡିଓ କନ୍ଫରେନ୍ସିଂ ମାଧମରେ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁଙ୍କ ଦ୍ୱାରା ଗତକାଲି ଅପରାହ୍ଣରେ ଉଦଘାଟିତ ହୋଇଛି । ଏହି କାଫେ ରାଜ୍ୟରେ ପ୍ରଥମ ବୋଲି କୁହାଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍.କାର୍ତ୍ତିକେୟନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ, ମୁଖ୍ୟତଃ ରାଜ୍ୟରେ ପ୍ରତ୍ୟେକ ବୟସର ପୃଷ୍ଟିସାର ସ୍ଥିତିରେ ଉନ୍ନତି ଆଣିବା, ମାଣ୍ଡିଆକୁ ଖାଦ୍ୟ ଭାବେ ବ୍ୟବହାର କରିବାର ପୁରାତନ ପରମ୍ପରାର ପୁନରୁଦ୍ଧାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରୋଜଗାର ଯୋଗାଇଦେବା କ୍ଷେତ୍ରରେ ଏହି ପଦକ୍ଷେପ ବେଶ୍ ଫଳପ୍ରଦ ହେବ । ଉଦବୋଧନ ଛଳରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ମାଣ୍ଡିଆ ଆମର ପାରମ୍ପରିକ ଖାଦ୍ୟ । ମାଣ୍ଡିଆର ପୃଷ୍ଟିସାର ଓ ଗୁଣବତା ସମ୍ପର୍କରେ ସମସ୍ତେ ଜାଣନ୍ତି । ଆମ ରାଜ୍ୟର ମହିଳା ଓ ଶିଶୁମାନଙ୍କର ପୃଷ୍ଟିଗତ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ମାଣ୍ଡିଆକୁ ଏକ ବିକଳ୍ପ ଉପଯୋଗୀ ଖାଦ୍ୟ ଭାବେ ଗ୍ରହଣ କରାଯାଇଛି । ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍.କାର୍ତ୍ତିକେୟନ ଉଦବୋଧନ ଦେଇ "ଓଡିଶା ମିଲେଟ୍ ମିଶନ, ମିଶନ ଶକ୍ତି ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଏଠାରେ ରାଜ୍ୟର ପ୍ରଥମ "ମିଲେଟ୍ ଶକ୍ତି କାଫେ" ସ୍ଥାପନ ହେବା ଏକ ଐତିହାସିକ ଘଟଣା । ପାରମ୍ପରିକ ମାଣ୍ଡିଆ ଚାଷ ଲୁପ୍ତ ପ୍ରାୟ ହେଉଥିବାବେଳେ ଏହାର ପୁର୍ନଉଦ୍ଧାର ସହିତ ମାଣ୍ଡିଆଜାତ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ଏବଂ କାଫେ ପରିଚାଳନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ୍ କରିବା ଫଳରେ ଏହା ଆର୍ଥିକ ବିକାଶ ଦିଗରେ ନୂଆ ଦିଶା ଦେଖାଇବ । ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟରେ ଅନ୍ୟ ଖାଦ୍ୟ ପଦାର୍ଥ ଠାରୁ ଢେର ଅଧିକ ମାତ୍ରାରେ ପୃଷ୍ଟି ଥିବାରୁ ଏବଂ ରୋଗ ପ୍ରତିଷେଧକ ଗୁଣବତା ଥିବାରୁ ଜନସାଧାରଣଙ୍କ ଖାଦ୍ୟାଭ୍ୟାସରେ ଏହା ସାମିଲ୍ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ମିଲେଟ୍ ମିଶନ ଓ ମିଶନ ଶକ୍ତି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଜିଲ୍ଲାରେ ପ୍ରତି ଗ୍ରାମ ପଂଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ୍ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ "ମିଲେଟ୍ ଶକ୍ତି କାଫେ" ସ୍ଥାପନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ୨୦୧୮ ମସିହା ମାର୍ଚ୍ଚ ମାସରେ କେନ୍ଦୁଝର ଜିଲ୍ଲାରେ ଓଡିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେବା ପରେ ଏହାର କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ପ୍ରାୟ ୪୦୦୦ ଚାଷୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇ ପ୍ରାୟ୧୮୭୬ ଏକର ଜମିରେ ମାଣ୍ଡିଆ ଚାଷ କରାଯାଉଛି ଏବଂ ଡି.ଏମ୍.ଏଫ୍.ସହଯୋଗରେ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ୨୦୨୦ ମସିହା ଜୁଲାଇ ଦୁଇ ତାରିଖରୁ ଜିଲ୍ଲାର ସମସ୍ତ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅତିରିକ୍ତ ଭାବେ ମାଣ୍ଡିଆ ଲଡୁ ପ୍ରଦାନ କରାଯିବା ସହ ମହାମାରୀ କରୋନା ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଘରକୁ ମାଣ୍ଡିଆ ମିକ୍ସ୍ ଯୋଗାଇ ଦିଆଯାଉଥିବା ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ଏହି ଅବସରରେ ମାଣ୍ଡିଆ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାରିଜଣ ଚାଷୀ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ, ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟରୁ ବ୍ୟଞ୍ଜନ ପ୍ରସ୍ତୁତି କ୍ଷେତ୍ରରେ ଜଣେ ସେଫ୍‌ଙ୍କୁ ଏବଂ କରୋନା ମହାମାରୀ ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଘରକୁ ମାଣ୍ଡିଆ ମିକ୍ସ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲ୍ଲାପାଳ ଶ୍ରୀ ଠାକରେ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ୍ ସମ୍ବର୍ଦ୍ଧିତ କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ସଂଜୀବ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହାପରେ ମିଲେଟ୍ ଶକ୍ତି କାଫେ ଏବଂ ମାଣ୍ଡିଆ ଜାତୀୟ ଖାଦ୍ୟ ଅଭ୍ୟାସର ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଚେତନତା ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ ।

# ୨ ମାସ ବ୍ୟାପୀ ପାଳିତ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ

ଭଦ୍ରକ,୩୧/୧୦ (ନି.ପ୍ର): ସ୍ୱର୍ଗତ ବିଧାୟକ ରତ୍ନାକର ମହାନ୍ତିଙ୍କର ଶ୍ରାଦ୍ଧ ଉତ୍ସବ ୨ମାସ ବ୍ୟାପି ପାଳନ କରାଯାଉଛି । ଏହି ଉତ୍ସବ ଅକ୍ଟୋବର ୨୦ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୨୦ର ଉଦ୍‌ଯାପନ ହେବ । ଜିଲ୍ଲା ରତ୍ନାକର ମହାନ୍ତି ସ୍ମୃତି କମିଟି ପକ୍ଷରୁ ପାଳନ କରାଯାଉଥିବା ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ତଥା ପ୍ରସ୍ତୁତି ବୈଠକ 'ବିଜୁ ସ୍ମୃତି କମିଟି'ଦ୍ୱାରା ଅନୁଷ୍ଠିତ ଯାଇଛି । ଏହି ବୈଠକରେ ଚରମ୍ପା ଓ ଭଦ୍ରକ ସହରର ବହୁ ଜ୍ଞାନୀ ଗୁଣୀ ବ୍ୟକ୍ତି ଯୋଗଦାନ କରିଥିଲେ । କୋଡବରୁଆଁ ସ୍ମୃତି କମିଟିର ସଭାପତି ରାଜ କିଶୋର ଦାସ ଏଥିରେ ଅଧକ୍ଷତା କରିଥିଲେ । ଓ୍ୱାନ୍ ଷ୍ଟପ୍ ସେଣ୍ଟରର ନିର୍ଦ୍ଦେଶକ ତଥା ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ର ସଭାପତି ଲଲାଟେନ୍ଦୁ ମହାନ୍ତି ବୈଠକରେ ସଂଯୋଜନା କରିଥିଲେ । ବିଜୁ ସ୍ମୃତି କମିଟି ଅଧକ୍ଷା ତଥା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦିକା ଆଡ୍‌ଭୋକେଟ ଅମିତା ଆଚାର୍ଯ୍ୟ ସଭାର ଆଭିମୁଖ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥଲେ । ଉକ୍ତ ଉତ୍ସବର ଉଦ୍‌ଯାପନୀ ଦିବସରେ ବିଧାୟକ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଙ୍କଳନ ସ୍ମୃତି ପୁସ୍ତକ 'ଭଦ୍ରକ ରତ୍ନ ରତ୍ନାକର' ଉନ୍ମୋଚିତ ହେଉଥିବା ଜିଲ୍ଲା ସ୍ମୃତି କମିଟିର ସମ୍ପାଦକ ତଥା ପୁସ୍ତକର ସଙ୍କଳକ ପ୍ରଫେସର ଅଟଳ ବିହାରୀ ନାୟକ ସୂଚନା ପ୍ରଦାନ କରିଥଲେ । ଜିଲ୍ଲା ସ୍ମୃତି କମିଟିର ସଭାପତି ଡାକ୍ତର ରବି ନାରାୟଣ ମହାପାତ୍ର ଆଗାମୀ ଡିସେମ୍ବର ୨୦ ତାରିଖର ଉଦ୍‌ଯାପନୀ ପର୍ବର ରୂପରେଖ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଜିଲ୍ଲା ବରିଷ୍ଠ ନାଗରିକ ମହା ସଂଘର ସଦସ୍ୟ ବୈଲୋଚନ ବେହୁରିଆ, ଜିଲ୍ଲା ପ୍ରଗତିଶୀଳ ସାହିତ୍ୟ ପରିଷଦର ଅଧକ୍ଷ ଆଡଭୋକେଟ ଗିରିଧାରୀ ନାଥ, ଜିଲ୍ଲା ସ୍ମୃତି କମିଟି ଉପଦେଷ୍ଟା ଶେଷଦେବ ପରିଡ଼ା, ସ୍ୱର୍ଗତ ବିଧାୟକଙ୍କ ସୁପୁତ୍ର ଶରତ ଚନ୍ଦ୍ର ମହାନ୍ତି,ସ୍ଥାନୀୟ କମିଟି ସମ୍ପାଦକ ନିରୋଦ ବାବୁ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ଅବସରପ୍ରାପ୍ତ ଅଧକ୍ଷ କବି ଡ. ଅବନୀ ପ୍ରଧାନ, କମିଟି କୋଷାଧକ୍ଷ ରତ୍ନାକର ପ୍ରଧାନ, ଆଡ୍‌ଭୋକେଟ ଅଗଣୀ ଚରଣ ଜେନା, ଅରୂପାନନ୍ଦ ନାୟକ, ରଜତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଧନ୍ୟବାଦ୍ ଅର୍ପଣ କରିଥିଲେ ସ୍ୱର୍ଗତ ବିଧାୟକଙ୍କ ସୁପୁତ୍ର ତଥା ଜିଲ୍ଲା ସ୍ମୃତି କମିଟିର ଉପସଭାପତି ଅଶୋକ କୁମାର ମହାନ୍ତି ।

# ଜିଲ୍ଲା ପରିଷଦ ସପ୍ତମ ବୈଠକ ଅନୁଷ୍ଠିତ

ପୁରୀ,୩୧/୧୦ (ନି.ପ୍ର): ଜିଲ୍ଲା ପରିଷଦ ସପ୍ତମ ବୈଠକ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ ଏଥିରେ ଅଧକ୍ଷତା କରିଥିଲେ । ଜଳ ଯୋଗାଣ ଓ ନଳକୂପ ବସାଇବା ଓ ସାମାଜିକ ସୁରକ୍ଷା ଯୋଜନା ଅଧିନସ୍ଥ ହିତାଧିକାରୀ ମାନେ ଯେପରି ସୁବିଧାରେ ଭତା ପାଇବେ ଜିଲ୍ଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଙ୍ଗନୱାଡି କେନ୍ଦ୍ରକୁ ଗ୍ୟାସ ସଂଯୋଗ ନିମନ୍ତେ ପଦକ୍ଷେପ ନିଆଯାଉଛି । ୫୩୩ଟି କେନ୍ଦ୍ରକୁ ଆସବାବପତ୍ର ଯୋଗାଇ ଦିଆଯାଇଛି ଏବଂ ପର୍ଯ୍ୟାୟ କ୍ରମେ ଅନ୍ୟ କେନ୍ଦ୍ର ଗୁଡିକୁ ଯୋଗାଇ ଦିଆଯିବ । ଜିଲ୍ଲାରେ ୨୧ଟି ୧୦୨ ଆମ୍ବୁଲାନ୍ସ ଓ ୨୭ଟି ୧୦୮ ଆମ୍ବୁଲାନ୍ସ ଚାଲୁଅଛି । ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟେକ ୫ ଲକ୍ଷ, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟେକ ଦେଢ ଲକ୍ଷ ଟଙ୍କା ରୋଗୀ କଲ୍ୟାଣ ନିମନ୍ତେ ପ୍ରଦାନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୪୧୭ଟି ରାସ୍ତା ମଧ୍ୟରୁ ୪୦୬ଟି କାମ ସରିଥିବା ବେଳେ ୭ଟି ସଂଯୋଗୀ ସେତୁ ମଧ୍ୟରୁ ୫ଟି କାର୍ଯ୍ୟ ଶେଷ ହୋଇଛି ।

ଏହି ବୈଠକରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ସର୍ବଶିକ୍ଷା ଅଭିଯାନ, ଜିଲ୍ଲା ଶିକ୍ଷା ଅଧିକାରୀ, ପୁରୀ ନିମାପଡା ବିଦ୍ୟୁତ ବିଭାଗ, ଉଦ୍ୟାନ ଓ କୃଷି, ମତ୍ସ୍ୟ, ପଶୁପାଳନ, ଜଳସେଚନ ଓ ଜଳ ନିଷ୍କାସନ,ଯୋଗାଣ, ପୂର୍ତ୍ତ ଓ ଗୃହ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ବୈଠକ ପ୍ରାରମ୍ଭରେ ପିପିଲିର ଦିବଂଗତ ବିଧାୟକ ଶ୍ରୀ ପ୍ରଦୀପ ମହାରଥୀଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ଦିପ୍ତିରାଣୀ ସ୍ୱାଇଁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବୃନ୍ଦ, ବ୍ଲକ ଅଧକ୍ଷ ଅଧକ୍ଷା, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୋଟର ତାଲିକା ସଂଶୋଧନ ନେଇ ସାମ୍ବାଦିକ ସମ୍ମିଳନୀ ଡାକିଲେ ଜିଲ୍ଲାପାଳ

ଖୋର୍ଦ୍ଧା,୩୧/୧୦ (ନି.ପ୍ର): ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପାଇଁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ତେବେ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥିପାଇଁ ନଭେମ୍ବର ଏକ ତାରିଖ ଠାରୁ ଭୋଟର ତାଲିକାରେ ନାମ ପଞ୍ଜିକରଣ,ବାଦ ଓ ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏପରିକି ସଠିକ ଭୋଟର ତାଲିକା ପ୍ରକ୍ରିୟା ସାହାଯ୍ୟ କରିବ । ତେବେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଏହି ବୈଠକରେ ଯୋଗ ଦେଇ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ-୬, ନାମକୁ ବାଦ କରିବା ପାଇଁ ଫର୍ମ-୭, ନାମ ଅନ୍ତର୍ଭୁକ୍ତ ହୋଇଥିବା ସଂଶୋଧନ ପାଇଁ ଫର୍ମ-୮ ଏବଂ ଇଭେଖ ହୋଇଥିବା ନାମର ସ୍ଥାନ ପରିବର୍ତ୍ତନ ପାଇଁ ଫର୍ମ-୮(କ) ଦରଖାସ୍ତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଗ୍ରହଣ କରା ଯାଇଛି । ୧/୧/୨୦୨୨ ସୁଦ୍ଧା ୧୮ବର୍ଷ କିମ୍ବା ତଦୁରଧ ବୟସର ବ୍ୟକ୍ତି ନୂତନ ଭୋଟର ଭାବେ ପଞ୍ଜିକରଣ କରିପାରିବେ । ଏହି କାର୍ଯ୍ୟକ୍ରମ ପାଇଁ ତା୧/୧୧/୨୦୨୧ରିଖ (ସୋମବାର) ଚିଠା ଭୋଟର ତାଲିକା ପ୍ରକାଶନ, ତା୧।୧୧।୨୦୨୧ରିଖ ଠାରୁ ତା୩୦।୧୧/୨୦୨୧ ରିଖ ପର୍ଯ୍ୟନ୍ତ ଦାବି ଓ ଆପତି ଗ୍ରହଣ, ତା୭।୧୧।୨୦୨୧ ରିଖ (ରବିବାର) ଓ ୨୧୫୧୧। ୨୦୨୧ ରିଖ (ରବିବାର) ଅଭିଯାନ ତା ୨୦।୧୨।୨୦୨୧ ରିଖ ସୁଧା ଦାବି ଓ ଆପତ୍ର ଗୁଡ଼ିକର ସମାଧାନ ଓ ତା୫/୦୧/୨୦୨ ୨ ଖ (ବୁଧବାର) ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।

# ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ



ବାରିପଦା,୩୧/୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ଜରୁରୀ ବିଭାଗ ଆନୂକୂଲ୍ୟରେ ଅକ୍ଟୋବର ୨୯ ତାରିଖ ଦିନଟିକୁ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭଂଜ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏକ ଶପଥ ପାଠ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ବାରିପଦା ସହକାରୀ ଅଗ୍ନିଶମ ସେବା ଅଧିକାରୀ ଭବେନ୍ଦୁ ନାଥ ଦେ, ପଂଚମ ବାଟାଲିୟନ୍ ବାରିପଦା ଆସିଷ୍ଟାଣ୍ଡ କାମାଡାଣ୍ଡ ମାନବୋଧ ପାଢୀ, ଓଡ୍ରାପ୍ଟ ଟିମ ଭାରାପ୍ରାପ୍ତ ଅଧିକାରୀ ସୁବୋଧ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ୍ୟ କାର୍ଯ୍ୟକ୍ରମ ଅଧିକାରୀ ମନତୀ ପୃଷ୍ଟି, ଜିଲ୍ଲା ସୁଚନା ଲୋକ ସଂପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବେହେରା ସାମୁହିକ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥପାଠ କରାଇଥିଲେ । ଯେ କୌଣସି ପ୍ରକାର ବିପର୍ଯ୍ୟୟରେ ଧନ ଜୀବନ କ୍ଷୟକ୍ଷତିକୁ ହ୍ରସ କରିବା ପାଇଁ ପ୍ରତ୍ୟେକ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାର୍ଯ୍ୟକରିବା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ କାର୍ଯ୍ୟରତ କର୍ମଚାରୀ, ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସହଯୋଗୀ ଦଳ ମାନଙ୍କୁ ସାହାର୍ଯ୍ୟ କରିବା ଏବଂ ଲୋକ ମାନଙ୍କ ମଧ୍ୟରେ ପରିବେଶର ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସୃତି ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ସର୍ବଦା ପ୍ରଚେଷ୍ଟା ଜାରି ରଖିବା ପାଇଁ ଶପଥ ନେଇଥିଲେ । ତତ୍‌ପରେ ଏହି ଅବସରରେ ବିପର୍ଯ୍ୟୟ ପ୍ରାର୍କ ପ୍ରସ୍ତୁତି କାର୍ଯ୍ୟକ୍ରମରେ 'ମହିଳା ସଂୟ ସହାୟକ ଗୋଷ୍ଠୀ ଏବଂ ପଂଚାୟତିରାଜ ଅନୁଷ୍ଠାନ ମେରୁଦଣ୍ଡ' ଶିର୍ଷକ ବିଷୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଅତିରକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବିପର୍ଯ୍ୟୟ ସମୟରେ ସମସ୍ତ ସତର୍କତା ଅବଲମ୍ବନ ପୂର୍ବକ ଧର୍ଯ୍ୟ ଓ ସାହାସର ସହିତ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀ ଅଧିକାରୀ ଶ୍ରୀ ପତି ସମସ୍ତଙ୍କୁ ସ୍ୱାଗତ ଜଣାଇ ବିପର୍ଯ୍ୟୟ ପ୍ରସ୍ତୁତିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଡ୍ରାଫ୍ ଟିମ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନାରେ କାର୍ଯ୍ୟ କୌଶଳତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଉକ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ ।

# ସିନାପାଲିରେ ୨୧ ଦିନର ଶିଶୁ କରୋନା ଆକ୍ରାନ୍ତ, ଗାଁରେ ପହଂଚିଲା ଡାକ୍ତରୀ ଦଳ

ନୂଆପଡା,୩୧/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ପଚାଂୟତ ମାଲପଡା ଗ୍ରାମର ଜଣେ ୨୧ ଦିନର ଶିଶୁ କରୋନାରେ ଆକ୍ରାନ୍ତ ଚିହ୍ନଟ ହେବାପରେ ଅଂଚଳରେ କରୋନାର ପୁନଃ ପ୍ରବେଶକୁ ନେଇ ଆତଙ୍କ ଦେଖାଦେଇଛି । ଏନେଇ ଶୁକ୍ରବାର ଏକ ଡାକ୍ତରୀ ଦଳ ସମ୍ପୃକ୍ତ ଗାଁକୁ ଯାଇ ଲୋକଙ୍କ କରୋନା ପରୀକ୍ଷା କରିଥିବା ଜଣାପଡ଼ିଛି । ହେଲେ ସମସ୍ତ ଯାକ ରିପୋର୍ଟ ନେଗେଟିଭ ଆସିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

ପ୍ରାପ୍ତ ସୂଚନାନୁସାରେ, ଗୁରୁବାର ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଅସୁସ୍ଥ ଶିଶୁଙ୍କ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା । ସେତେବେଳେ ଶିଶୁଟି କରୋନା ଆକ୍ରାନ୍ତ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ଏନେଇ ସିନାପାଲି ପ୍ରଶାସନର ତତ୍ପରତା ଦେଖାଦେଇଥିଲା । ଆଜି ପୂର୍ବାହ୍ନରେ ଡାକ୍ତର ଭୈରବ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ୪୨ ଜଣଙ୍କ ନମୁନା ସଂଗ୍ରହ କରିଥିଲେ, ହେଲେ ସମସ୍ତ ଯାକ ନେଗେଟିଭ ଚିହ୍ନଟ ହୋଇଥିବା ଜଣାପଡିଛି । ଏମିତିକି ଶିଶୁର ମା ଓ ବାପାଙ୍କ ମଧ୍ୟ ନେଗେଟିଭି ଥିବା ସୂଚନା ମିଳିଛି । ହେଲେ କିପରି ଭାବରେ ଜଣେ ୨୧ ଦିନର ଶିଶୁ କରୋନା ଆକ୍ରାନ୍ତ ହୋଇଛି, ସେନେଇ କୌଣସି ପ୍ରକାର ସ୍ପଷ୍ଟ ଜଣାପଡି ନାହିଁ । ସମ୍ପୃକ୍ତ ଗାଁକୁ ଯାଇଥିବା ଡାକ୍ତରୀ ଦଳରେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନବାଡି କର୍ମୀ ସାମିଲ ଥିଲେ । କରୋନାକୁ ହାଲୁକା ଭାବେ ନ ନେଇ ସମସ୍ତ କଟକଣା ପାଳନ କରିବାକୁ ବିଭାଗୀୟ ଅଧିକାରୀ ସମସ୍ତଙ୍କୁ ସୂଚନା ଦେଇଛନ୍ତି ।

# ଦାରିଦ୍ର୍ୟ କଷାଘାତରେ ଜୀବନ ହାରିଲେ ଯୁବକ

ମାଲକାନଗିରି ,୩୧/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳରେ ଦାରିର୍ଦ୍ୟତା ସାଜିଲା ମୃତ୍ୟୁର କାରଣ । ନଦୀ ଘାଟକୁ ଯାଇ ପାଣିରେ ବୁଡି ଜୀବନ ହାରିଲେ ଯୁବକ ମନ୍ଦ ପାଙ୍ଗି । ଅନାଥ ହୋଇଗଲା ୬ ବର୍ଷର ଝିଅ ମିଲି ପାଙ୍ଗି । ଏପରି ସ୍ଥିତିରେ ସାହାରା ଖୋଜୁଛି ମିଲି । ଜନ୍ମ ଦେଇ ମିଲିକୁ ଛାଡି ଆରପାରିକୁ ଚାଲି ଯାଇଥିଲେ ମା । ଗୋଟିଏ ପଟେ ଅର୍ଥ ର ଅଭାବ ଅନ୍ୟ ପଟେ ଛୋଟ ଶିଶୁକୁ ନେଇ କିଭଳି ଜୀବନ ବିତେଇବ ସେ ନେଇ ଚିନ୍ତା ରେ ଥିଲା ବାପା । ଏଭଳି ସ୍ୱର୍ଶ କାତର ଘଟଣା ଘଟିଛି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ପଣସ ପୁଟ ପଚାଂୟତର ସିଂଗଇ ଗ୍ରାମରେ । ଘଟଣାକୁ ନେଇ ଗାଁ ରେ ଶୋକର ଛାୟା ଖେଳି ଯାଇଛି । ଦୁଇ ଦିନ ଧରି ପାଣିରେ ବହୁ ଖୋଜାଖୋଜି କରିଥିଲେ ଗ୍ରାମବାସୀ, ହେଲେ ଶେଷରେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲେ । ବହୁ ସମୟ ଧରି ଖୋଜାଖୋଜି କରିବା ପରେ ସନ୍ଧ୍ୟା ୫ ଟା ସମୟରେ ଶବକୁ ପାଣିରୁ ଉଦ୍ଧାର କରିଥିଲେ । ହେଲେ ଗ୍ରାମବାସୀଙ୍କ କହିବା ଅନୁଯାଇ, ଦୀର୍ଘଦିନ ଧରି ଛୁଆକୁ ପାଳିବା, ରୋଜଗାର କରିବା ସମ୍ଭବ ହୋଇପାରୁ ନଥିଲା ବାପା ମନ୍ଦ ପାଙ୍ଗିଙ୍କର । ଛୋଟ ଛୁଆକୁ ଛାଡି ନା କାମକୁ ଯାଇ ପାରୁଥିଲେ ନା କୌଣସି କାର୍ଯ୍ୟରେ ଅର୍ଥ ସଂଚୟ କରିପାରୁଥିଲେ । ଏଭଳି ପରିସ୍ଥିତିରେ କଣ କରିବେ ମନ୍ଦ ପାଙ୍ଗୀ ସେ ନେଇ ସବୁବେଳେ ଚିନ୍ତାରେ ନିରାଶ ହୋଇ ପଡିଥିଲେ । ଶେଷ ରେ ଗତ ମଙ୍ଗଳବାର ରାତି ରେ ନିଜ ଝିଅ ମିଲିକୁ ନଦୀ କୂଳରେ ଛାଡିଦେଇ ନଦୀରେ ଡେଇଁ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।ଏଠି ପ୍ରଶ୍ନ ଉଠୁଛି ମାଳ ମାଳ ସରକାରୀ ଯୋଜନା କାହାପାଇଁ, ଲୋକଙ୍କ ପାଇଁ ହୋଇଥିବା ଯୋଜନା ଯାଉଛି କୁଆଡେ । ମିଲିକୁ ଏ ସବୁ ପ୍ରଶ୍ନର ଉତର ଦେବ କିଏ, ମିଲି ଏବେ ଯିବ କୁଆଡେ, ବର୍ତମାନ ମିଲି ଏକୁଟିଆ ନା ଅଛନ୍ତି ବାପା ମା ନା କୌଣସି ସମ୍ପର୍କୀୟ ଏଭଳି ପରିସ୍ଥିତିରେ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ ମିଲିକୁ କିଛି ସରକାରୀ ସହାୟତା ପ୍ରଦାନ କଲେ ହୁଏତ ଛୋଟ ଝିଅର ଭବିଷ୍ୟତ ଆଗକୁ ବଢିପାରିବ ।

# 'ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି'ର କର୍ମକର୍ତ୍ତା ଚୟନ

ବାଲେଶ୍ୱର,୩୧/୧୦ (ନି.ପ୍ର): 'ବାଲେଶ୍ୱର ଜିଲା ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି'ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପରିବହନ ଶ୍ରମିକ ସଂଘ ଗୃହରେ ଆୟୋଜିତ ବୈଠକରେ ଗଦାଧର ପ୍ରଧାନ ଅଧକ୍ଷତା ସହ ସଂଗଠନର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ଗୌରାଙ୍ଗ ପାଣିଗ୍ରାହୀ ସଭାପତି, ଗଦାଧର ପ୍ରଧାନ ଓ ପଦ୍ମଭୂଷଣ ରାୟ ଉପସଭାପତି, ବିଜୟ ପାତ୍ର, ସମ୍ପାଦକ, ବିକାଶ କୁମାର ଦାସ, ହରିଶ ଚନ୍ଦ୍ର ପାତ୍ର ଓ ସୁରତୀଲତା ରାଉତ ସହ-ସମ୍ପାଦକ, କୋଷାଧକ୍ଷ ଭାବେ ସଂଜୟ ସାମଲ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସମସ୍ତ ପଞ୍ଜୀକୃତ ଶ୍ରମିକ ସଂଘରୁ ଜଣେ ଲେଖାଏଁ ୨୭ ଜଣ ପ୍ରତିନିଧିଙ୍କୁ ମନୋନୀତ କରାଯାଇଛି । ପ୍ରଦୀପ୍ତ ପଣ୍ଡା, ପୃଥିରାଜ ପଣ୍ଡା, ଅରୁଣ ସ୍ୱାଇଁ, ଭାଗବତ ପ୍ରତିହାରୀ, ବାସନ୍ତୀ ସାମଲ ଓ ରବୀନ୍ଦ୍ର ବେହେରାଙ୍କୁ ସର୍ବସମ୍ମତିକ୍ରମେ ଉପଦେଷ୍ଟା ଭାବେ ଚୟନ କରାଯାଇଛି । ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ ଓ ସହାୟତା ପ୍ରଦାନରେ ଜିଲା ଶ୍ରମଦପ୍ତରର ଅବହେଳାକୁ ନେଇ ଉପସ୍ଥିତ ଶ୍ରମିକ ନେତାମାନେ ଏହି ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏନେଇ ଆନ୍ଦୋଳନ ପାଇଁ ଆସନ୍ତା ନଭେମ୍ବର ୯ ତାରିଖ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ । ରାଜ୍ୟ ଶ୍ରମ କମିଶନରଙ୍କୁ ନବନିର୍ବାଚିତ କର୍ମକର୍ତ୍ତାମାନେ ସାକ୍ଷାତ କରି ନିର୍ମାଣ ଶ୍ରମିକମାନଙ୍କୁ ତଥାକଥିତ ଶ୍ରମିକନେତାମାନେ ଅସାଧୁ କର୍ମଚାରୀଙ୍କ ସହଯୋଗରେ ଶୋଷଣ କରୁଥିବା ସମ୍ପର୍କରେ ଅବଗତ କରାଯିବ । ଏଥି ଜିଲା ଶ୍ରମ ଦପ୍ତରରେ ଖାଲିଥିବା ଅଧିକାରୀ ଓ କର୍ମଚାରୀ ପଦପୂରଣ ପାଇଁ ଦାବି କରାଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।



# ମାଆ ଚର୍ଚ୍ଚିକା


ଦିଲ୍ଲୀପ କୁମାର ସାହୁ




ଓଡ଼ିଶାର ଜୀବନରେଖା ମହାନଦୀ କୂଳରେ ଅବସ୍ଥିତ କଟକ ଜିଲ୍ଲାର ଏକ ପ୍ରମୁଖ ସହର ବାଙ୍କି । ସହର ଉପକଣ୍ଠରେ ମହାଦନଦୀରୁ ସୃଷ୍ଟି ହୋଇଛି ରେଣୁକାନଦୀ ।

ନଦୀଟି ବହୁବର୍ଷ ଧରି ପୋତିହୋଇ ପଡିଥିଲା । ୧୯୮୨ ମସିହାରେ ମହାନଦରେ ପ୍ରବଳ ବନ୍ୟା ଆସିଲା । ସେହି ବନ୍ୟାଜଳରେ ପୁଣି ରେଣୁକା ଆତ୍ମ ପ୍ରକାଶ କଲା ଓ ସେଥିରେ ଜଳ ପ୍ରବାହ ଆରମ୍ଭ ହେଲା । ସେହି ରେଣୁକା କୂଳରେ ଦଣ୍ଡାୟମାନ ଛୋଟ ଏକ ପାହାଡ । ଏକଦା ସେହି ପାହାଡ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ, ଯେଉଁଠି ମହର୍ଷି ରୁଚିକା ତପ ସାଧନ କରୁଥିଲେ । ତେଣୁ ସ୍ଥାନଟି ରୁଚିକା ପାହାଡ ଭାବରେ ଖ୍ୟାତ ।

ରୁଚିକା ପାହାଡର ଶିଖର ଦେଶରେ ବିଦ୍ୟମାନ ରାଜ୍ୟର ଅନ୍ୟତମ ପ୍ରାଚୀନ ଶକ୍ତି କ୍ଷେତ୍ର, ମାଆ ଚର୍ଚ୍ଚିକାଙ୍କ ବିଜେସ୍ଥଳି । ମାଆ ହେଉଛନ୍ତି ଚାମୁଣ୍ଡା । ପୌରାଣିକ ମତ ଅନୁସାରେ ମହିଷାସୁରକୁ ବଦ୍ଧ କରିବା ନିମନ୍ତେ ଆବିର୍ଭୂତା ମାଆ ଦୁର୍ଗାଙ୍କ ନିଶ୍ୱାସରୁ ଜାତହୋଇ , ମାଆ ଚାମୁଣ୍ଡା, ମହିଷାସୁରର ଜଣେ ଦୁର୍ଦ୍ଧଷ ଯୋଦ୍ଧା ରଣାଷୁରକୁ ନିଧନ କରିଥିଲେ ।



ରୁଚିକା ପାହାଡରେ ପୂଜିତା ମାଆ ଚର୍ଚ୍ଚିକାଙ୍କ ମୂର୍ତ୍ତି ସମ୍ପର୍କରେ କିମ୍ବଦନ୍ତୀ କହେ ବୀର ପର୍ଷୁରାମ ତାଙ୍କ ଆର୍ଯ୍ୟାବର୍ତ୍ତ ଭ୍ରମଣ ସମୟରେ ମାଆଙ୍କୁ ପ୍ରତିଷ୍ଠା କରିଥିଲେ । ସେ ତାଙ୍କ ଶର ମୁନରେ ଶିଳାଖଣ୍ଡଟିଏ ଉପରେ ଅଙ୍କନ କରିଥିଲେ ମାଆଙ୍କ ମୂର୍ତ୍ତି । ଐତିହାସିକମାନେ ମତ ଦିଅନ୍ତି ମାଆଙ୍କ ମୂର୍ତ୍ତି ନବମରୁ ଦଶମ ଶତାବ୍ଦୀ ମଧ୍ୟରେ ରାଜା ଭୌମକରଙ୍କ ଶାସନ କାଳରେ ନିର୍ମିତ ।

ଅନ୍ୟ ପକ୍ଷରେ ମାଆଙ୍କ ବର୍ତ୍ତମାନର ମନ୍ଦିରଟି ଉନବିଂଶ ଶତାବ୍ଦୀର କଳାକୃତିବୋଲି ଗବେଷକ ମାନେ ମତ ଦିଅନ୍ତି । ମନ୍ଦିରଟି ଆକାରରେ ଛୋଟ ହେଲେ ମଧ୍ୟ ଖୁବ୍ ସୁନ୍ଦର । ରୁଚିକା ପାହାଡର ପାଦେଶରୁ ମାଆ ଙ୍କ ମନ୍ଦିର ନିକଟରେ ପହଞ୍ଚିବା ପାଇଁ ପାହାଚମାନ ରହିଛି । ଭକ୍ତମାନେ ଭକ୍ତିର ସହିତ ମାଆଙ୍କ ନାମ ଗାନକରି ମନ୍ଦିର ନିକଟରେ ପହଞ୍ଚିଥାନ୍ତି ଓ ମାଆଙ୍କ ପାଖରେ ଶ୍ରଦ୍ଧା ନୈବେଦ୍ୟ ଅର୍ପଣ କରିଥାନ୍ତି ।

ମାଆ ଚର୍ଚ୍ଚିକା ଙ୍କ ମନ୍ଦିର ତିନି ଭାଗରେ ବିଭକ୍ତ ।ପୀଢ ବା ମୁଖ୍ୟ ମନ୍ଦିର,ଜଗମୋହନ ଓ ଶୂନ୍ୟବାହିନୀ ମଣ୍ଡପ । ମୁଖ୍ୟ ମନ୍ଦିର ରେ ମାଆ ଙ୍କ ମୂର୍ତ୍ତି ସୁଶୋଭିତା । ଜଗମୋହନରେ ହୋମ ଯଜ୍ଞ କରାଯାଏ । ଶୂନ୍ୟବାହିନୀ ମଣ୍ଡପ ରେ ଶ୍ରଦ୍ଧାଳୁମାନେ ସମବେତ ହୋଇ ମାଆ ଙ୍କ ଦର୍ଶନ କରିଥାନ୍ତି । ମଣ୍ଡପ ର ସ୍ତମ୍ଭ ଗୁଡିକ ପଥରରେ ତିଆରି ହୋଇଥିବାବେଳେ ଛାତଟି ସମ୍ପୂର୍ଣ୍ଣ ରୁପେ କାଠରେ



ଗଢା । ସେହି ଛାତରେ ଭାଗବତ ବାଣୀ ଲିପିବଦ୍ଧ ହୋଇଥିବା ସହିତ ତାହା ରଙ୍ଗ ବେରଙ୍ଗର ପଶୁପକ୍ଷୀଙ୍କ ଚିତ୍ରରେ ଚିତ୍ରିତ ।

ମାଆ ଚର୍ଚ୍ଚିକାଙ୍କ ପାର୍ଶ୍ୱ ଦେବୀମାନେ ହେଲେ ଚତୁର୍ଭୂଜା ମହିଷମର୍ଦ୍ଦିନୀ ଦୁର୍ଗା, ଚତୁର୍ଭୂଜା ଓ ଅଷ୍ଟଭୁଜା ଚାମୁଣ୍ଡା । ମାଆଙ୍କ ମନ୍ଦିର ଦ୍ୱାରବନ୍ଧରେ ଦଶମହାବିଦ୍ୟା ଦେବୀମାନେ ସୁଶୋଭିତା । ସେହି ପୀଠରେ ଦେବଦେବ ମହାଦେବ ଓ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ମଧ୍ୟ ରହିଛି ।

ନରମୁଣ୍ଡ ମାଳିନୀ ମାଆ ଚର୍ଚ୍ଚିକା ଶବାସନୀ । ଅଷ୍ଟଭୁଜା ମାଆ ରଣାଷୁରର ଶବ ଉପରେ ଦଣ୍ଡାୟମାନ । ମାଆ ତାଙ୍କର ଦକ୍ଷିଣ ହସ୍ତ ଗୁଡିକ ମଧ୍ୟରୁ ତିନୋଟିରେ ଖଡ୍ଗ, ଶୂଳ ଓ କଟାରୀ ଧାରଣ କରିଥିବାବେଳେ ଅନ୍ୟ ହସ୍ତଟି ରହିଛି ବରଦା ମୁଦ୍ରା ରେ । ମାଆ ତାଙ୍କର ତିନିଗୋଟି ବାମ ହସ୍ତରେ

କଟା ମଣିଷ ମୁଣ୍ଡ, ରକ୍ତ ପୂର୍ଣ୍ଣ ପାତ୍ର ଓ ଡମ୍ବରୁ ଧରିଛନ୍ତି । ବାକି ବାମହସ୍ତର ଗୋଟିଏ ଅଙ୍ଗୁଳି

ବୁଡି ରହିଛି ରକ୍ତରେ ।

ବ୍ରାହ୍ମଣ ପୂଜିତା ମାଆ ଚର୍ଚ୍ଚିକାଙ୍କର ସବୁଠାରୁ ବଡପର୍ବ ଶାରଦୀୟ ଦଶହରା । ସେହି ପର୍ବ ପାଇଁ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ଯାଏ ମାଆଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠେ । ସେତେବେଳେ ପ୍ରତ୍ୟହ ସୂର୍ଯ୍ୟ ପୂଜା, କଳସ ପୂଜା, ଚଣ୍ଡୀ ପାଠ ଓ ହୋମ ଯଜ୍ଞ ସହ ମାଆଙ୍କୁ ଶୋଡଷ ଉପଚାରରେ ପୂଜା କରାଯାଏ । କୁମାର ପୂର୍ଣ୍ଣିମା ମଧ୍ୟ ମାଆଙ୍କର ଏକ ମୁଖ୍ୟ ପର୍ବ । ସେଦିନ ମାଆଙ୍କୁ କୁମାରୀ ବେଶ କରାଯାଏ । ସେହି ବେଶ ଦେଖିବା ପାଇଁ ରୁଚିକା ପାହାଡ ଉପରେ ଶ୍ରଦ୍ଧାଳୁଙ୍କର ପ୍ରବଳ ସମାଗମ ହୋଇଥାଏ ।ମାଆ ଚର୍ଚ୍ଚିକା ହେଉଛନ୍ତି ଆଦିଶକ୍ତି, ଆଦିମାତା । ସେ ଶକ୍ତିଦାତ୍ରୀ, ମୁକ୍ତିଦାତ୍ରୀ । ତାଙ୍କୁ ଭକ୍ତିର ସହ ସ୍ମରଣ କଲେ ସେ ସାହା ହୁଅନ୍ତି , ଶାନ୍ତି ପ୍ରଦାନ କରନ୍ତି । ମାଆ ସାରା ମଣିଷ ଜାତିର ମଙ୍ଗଳ କରନ୍ତୁ ତାଙ୍କ ପାଖରେ ଏତିକି ପ୍ରାର୍ଥନା ।


+ଶଙ୍କରପୁର,
ଚାରବାଟିଆ, କଟକ
ମୋ: ୯୮୬୧୧୨୬୧୯୭




# ହର୍ବାଲ୍ ପ୍ୟାକ୍ କେଶ ପାଇଁ

କେଶ ଝଡ଼ିବା ସହ ଅକାଳରେ ପାଚିବା ଏବେ ଅଧିକାଂଶଙ୍କ ମୁଖ୍ୟ ସମସ୍ୟା ପାଲଟିଛି । ଘରେ ପ୍ୟାକ୍ ତିଆରି କରିବା ସହ ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ କେଶ ମୂଳରୁ ମଜଭୁତ୍ ହୁଏ ।



- ଅଁଳାକୁ ଖରାରେ ଶୁଖାଇ ଭଲଭାବେ ଗ୍ରାଇଣ୍ଡିଂ କରିନେବେ । ସେଥିରୁ ୧ ଚାମଚ ନେଇ ୨ ଚାମଚ ଦହି ମିଶାଇବେ । ଏବେ ଏହି ପ୍ୟାକ୍‌କୁ କେଶମୂଳରେ ଲଗାଇ ଶୁଖିବା ପରେ ଧୋଇବେ ।
- ଲେମ୍ବୁ ରସ, ଅଁଳା ରସ, ଘି-କୁଆଁରୀ ରସ ସମାନ ପରିମାଣରେ ନେଇ କେଶରେ ଲଗାଇ ୨୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇବେ । ଏହି ପ୍ୟାକ୍ କେଶରୁ ମୂଳରୁ ମଜଭୁତ୍ କରେ ।
- ପିଆଜରସରେ ମେହେନ୍ଦୀ ପ୍ୟାକ୍ ମିଶାଇ କେଶରେ ପ୍ୟାକ୍ ଭଳି ଲଗାନ୍ତୁ । କଶ ଧୋଇବା ପରେ ଭଲରେ ଶୁଖାଇବେ । ପରେ ସୋରିଷ ତେଲ ଲଗାଇବେ, ଗୋଟିଏ ଦିନ ପରେ ଶାମ୍ପୁ କରିବେ ।
- ନଡ଼ିଆ ତେଲରେ ଅଁଳା ରସ ମିଶାଇ କେଶମୂଳରେ ରାତିବେଳା ଲଗାଇ ତା' ପରଦିନ ସକାଳୁ କେଶ ଧୁଅନ୍ତୁ । ଏହି ପ୍ୟାକ୍ କେଶରେ ସପ୍ତାହକୁ ୨ ଥର ଲଗାଇଲେ ଅକାଳରେ ପାଚିବା ସମସ୍ୟା ଦୂର ହୁଏ ।
- ରୁପି ଦୂର ସହ କେଶର ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, କଞ୍ଚା କ୍ଷୀରରେ ରିଠା ଗୁଣ୍ଡ ମିଶାଇ କେଶରେ ପ୍ୟାକ୍ ଭଳି ଲଗାଇବେ । ୧୫ ମିନିଟ୍ ପରେ କେଶକୁ ଧୋଇନେବେ ।

# ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍

ନାଇଟ୍ ସୁଟ୍ ମହିଳାମାନଙ୍କ ପାଇଁ ବେଶ୍ ଆରାମଦାୟକ ପୋଷାକ । ଢିଲା ହୋଇଥିବାରୁ ନାଇଟ୍ ସୁଟ୍ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏବେ ଅଲଗା ଅଲଗା ଡିଜାଇନର୍ ନାଇଟ୍ ସୁଟ୍ ଫ୍ୟାଶନ୍ ଟ୍ରେଣ୍ଡ୍ ବନିଛି । ନାଇଟ୍ ସୁଟ୍‌ରେ କିପରି ଷ୍ଟାଇଲ୍ ବନେଇବେ ନିଅନ୍ତୁ କିଛି ଟିପ୍ସ ।



**◆ ପଜାମା ସେଟ୍:** ରାତିରେ ଢିଲା ପଜାମା ସେଟ୍ ପିନ୍ଧିବା ଆରାମ ଦେଇଥାଏ । ଏହି କାରଣରୁ ପଜାମା ସେଟ୍ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ । ଏହାମଧ୍ୟ ସବୁଠୁ ଅଧିକ ପିନ୍ଧାଯାଉଥିବା ନାଇଟ୍ ସୁଟ୍ । ଏହା ବିଭିନ୍ନ ପ୍ରକାର ଡିଜାଇନ୍‌ରେ ବଜାରରେ ଉପଲବ୍ଧ । କଟନ, ସାଟିନ୍, ସିଫନ୍, ଭଳି ଫ୍ୟାବ୍ରିକ୍ ବାଛିପାରିବେ ।

**◆ କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ**

ଯଦି ଆପଣ ପଜାମା ପିନ୍ଧିବାକୁ ଚାହୁଁନଥିବେ ତାହାଲେ କ୍ରପ ଟପ୍ ଏବଂ ସ୍ୱେଟପ୍ୟାଣ୍ଟ୍ କ୍ୟାରି କରିପାରିବେ । ନାଇଟ୍ ସୁଟ୍‌ରେ କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ । ଅନେକ ଝିଅ ଥାଆନ୍ତି ଯେଉଁମାନେ ଓଭରସାଇଜ ପୋଷାକ ପିନ୍ଧିବା ବଦଳରେ ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍ ପୋଷାକ ପିନ୍ଧିଥାନ୍ତି । ଏଥିପାଇଁ କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ ପରଫେକ୍ଟ ରହିଥାଏ । ଆପଣ ଚାହିଁଲେ ଏହି ନାଇଟ୍ ସୁଟ୍‌କୁ ବାହାରକୁ ପିନ୍ଧି ଯାଇପାରିବେ ।



**◆ ଟପ୍ ଏବଂ ସର୍ଟସ୍:**

ସବୁ ସିଜିନ୍‌ରେ ଟପ୍ ଏବଂ ସର୍ଟସ୍ ପିନ୍ଧି ହୋଇଥାଏ । ନାଇଟ୍ ସୁଟ୍‌ରେ ଟପ୍ ଏବଂ ସର୍ଟସ୍ ବହୁତ କମନ୍ । କିଛି ଝିଅ ମ୍ୟାଚିଙ୍ଗ କଲର ପିନ୍ଧିବାକୁ ପସନ୍ଦ କରନ୍ତି ଆଉ କେହି କଣ୍ଟ୍ରାଷ୍ଟ୍ କଲର୍ । ଆପଣଙ୍କ ପସନ୍ଦ ହିସାବରେ ଫ୍ୟାବ୍ରିକ୍ ବାଛିପାରିବେ ।

**◆ ଓ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍:**

ଶୀତଦିନେ ନାଇଟ୍ ସୁଟ୍ ହିସାବରେ ସ୍ୱେଟ୍‌ସାଟ୍ କ୍ୟାରି କରିପାରିବେ । ସ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍‌କୁ ବାହାରକୁ ବୁଲାବୁଲି ପାଇଁ ପିନ୍ଧି ଯାଇପାରିବେ । ଆପଣଙ୍କ ପସନ୍ଦ ହିସାବରେ ଟିମଅପ କରିପାରିବେ ।

**◆ ଲଙ୍ଗ୍ ନାଇଟି:** ମିହଳାମାନେ ନାଇଟିରେ ଅଧିକ ଆରାମ ମନେ କରନ୍ତି । ଅଧିକ ଷ୍ଟାଇଲିଶ୍ ପାଇଁ ଲଙ୍ଗ୍ ନାଇଟିର ବିଭିନ୍ନ ପ୍ରକାର ଷ୍ଟାଇଲ ଉପଲବ୍ଧ । ଆପଣଙ୍କ ପସନ୍ଦ ହିସାବରେ ଷ୍ଟାଇଲାଇଜ୍ କରିପାରିବେ । କଟନ୍ ହେଉ ବା ସାଟିନ୍ ଲଙ୍ଗ୍ ନାଇଟି ସହଜରେ ମିଳିଥାଏ ।

# ଘରର୍ ସୌନ୍ଦର୍ଯ୍ୟ ବଢ଼ାଇବ 'ଟ୍ରି ପଟ୍'

ଘର ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ତାକୁ ସୁନ୍ଦର ଭାବେ ସଜାଯାଏ । ଘରକୁ ସଜାଇବା ପାଇଁ ଲୋକଙ୍କୁ ଚିନ୍ତା ଲାଗିରହେ । କେମିତି ଭାବେ ଘରକୁ ସଜାଇଲେ ଏକଦମ୍ ଆକର୍ଷଣୀୟ ଲାଗିବ ସେଥିପାଇଁ ଅନେକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଏ । ତେବେ ଆଜି ଆମେ ଏମିତି କିଛି ଟିପ୍ସ ଦେବୁ ଯାହା ଆପଣଙ୍କ ଘରକୁ ଏକ ଭିନ୍ନ ଲୁକ୍ ଦେବ ।

ଘରେ ଆପଣ ଟ୍ରି ପଟ୍ ରଖି ପାରିବେ । ଆଜିକାଲି କିଛି ଲୋକ ବେଡ୍ ରୁମ୍‌ରେ ମଧ୍ୟ ଟ୍ରି ପଟ୍ ରଖୁଛନ୍ତି । ଘରର ଆକାର ଦେଖି ଘରେ ଟ୍ରି-ପଟ୍ ରଖାଯାଉଛି, ଯାହା ଘରକୁ ଏକ ଭିନ୍ନ ଲୁକ୍ ଦେଉଛି ।

ଆପଣ ଟ୍ରି ପଟ୍‌କୁ ଘରର ଯେକୌଣସି ସ୍ଥାନରେ ରଖି ପାରିବେ । କାରଣ ଏହା ଆପଣଙ୍କ ଘରକୁ ଏକ ନ୍ୟାଚୁରାଲ୍ ଲୁକ୍ ଦେବ । ଏଥିସହ ସ୍ଥାନର ଅଭାବ ପାଇଁ ଯେଉଁମାନେ ଗଛ ଲଗାଇପାରୁ ନାହାନ୍ତି, ସେମାନେ ଘର



ଭିତରେ ଏହି ଟ୍ରି ପଟ୍‌କୁ ସାମିଲ୍ କରିପାରିବେ । ଟ୍ରି ପଟ୍‌କୁ ଆପଣ ବଜାରରୁ କିମ୍ବା ଅନ୍‌ଲାଇନ୍‌ରୁ ମଗେଇ ପାରିବେ ।

# ପେଟରୋଗ ପାଇଁ ରାମବାଣ ହୋଇଥାଏ ଭୃଶୁଙ୍ଗ ପତ୍ର

ଭୃଶୁଙ୍ଗ ପତ୍ରରେ ରହିଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟପାଇଁ ଲାଭଦାୟକ ହୋଇଥାଏ । ଆୟୁର୍ବେଦରେ ଭୃଶୁଙ୍ଗ ପତ୍ରକୁ ପେଟରୋଗ ପାଇଁ ରାମବାଣ କୁହାଯାଇଥାଏ । ତେବେ ବସନ୍ତୁ ଜାଣିବା ଏହାର ଔଷଧୀୟ ଗୁଣ ସମ୍ପର୍କରେ....

- ଭୃଶୁଙ୍ଗ ପତ୍ରରେ ଭିଟାମିନ୍-ଏ ରହିଛି । ଭିଟାମିନ୍-ଏ ଅଭାବରେ ଅନ୍ଧାରକଣା ରୋଗ ହୋଇଥାଏ ଯାହା ଦ୍ୱାରା ଆଖିର ଦୃଷ୍ଟିଶକ୍ତି କମିଯାଇଥାଏ । ଖାଲି ପେଟରେ ଭୃଶୁଙ୍ଗ ପତ୍ର ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବଢ଼ିଥାଏ ।
- ଭୃଶୁଙ୍ଗ ପତ୍ର ପେଟରେ ପିତ୍ତ ଦୋଷକୁ ଦୂର କରିଥାଏ । ଭୃଶୁଙ୍ଗ ପତ୍ରକୁ ବାଟି ଏହାର ରସକୁ କ୍ଷୀରରେ ମିଶାଇ ଦିନକୁ ଦୁଇ ତିନିଥର ପିଇବା ଦ୍ୱାରା ମଧ୍ୟ ତରଳ ଝାଡ଼ାରୁ ଉପଶମ ମିଳିଥାଏ ।
- ଖାଲି ପେଟରେ ଭୃଶୁଙ୍ଗ ପତ୍ର ଖାଇବା ଦ୍ୱାରା ଓଜନ କମିଥାଏ । ଏଥିପାଇଁ ପାଣିରେ ୧୦/୨୦ଟି ଭୃଶୁଙ୍ଗ ପତ୍ର ଫୁଟାଇ ଦିଅନ୍ତୁ । ଏହା ପରେ ଏଥିରେ ଲେମ୍ବୁ ଏବଂ ମହୁ ମିଶାଇ ପିଇ ଦିଅନ୍ତୁ । ପ୍ରତିଦିନ ଖାଲି ପେଟରେ ଏହାକୁ ପିଅନ୍ତୁ ।
- ଭୃଶୁଙ୍ଗ ପତ୍ରରେ ଥିବା ପୋଷକ ତତ୍ତ୍ୱ ଦ୍ୱାରା ଶୀଘ୍ର ବାଳ ପାଚି ନଥାଏ । ବୁଟି ଝଡ଼ିବା ସମସ୍ୟା ମଧ୍ୟ କମିଯାଇଥାଏ । ଏହା ରୁପି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ନଭେମ୍ବର ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖାଉଟି ହନ୍ତସନ୍ତ...

କରୋନା ସଂକ୍ରମଣକୁ ଦୁଇବର୍ଷ ପୁରିବାକୁ ବସିଲାଣି । ସାଧାରଣ ଗୁଳାରେ ଚାଲିଥିବା ଜନଜୀବନ କିଭଳି ଅସ୍ତବ୍ୟସ୍ତ ହୋଇସାରିଛି, ତାହା ସମସ୍ତଙ୍କ ଅଙ୍ଗେନିଭା ଅଭିଜ୍ଞତା । ଖାଇବା ତେଲଠାରୁ ଆରମ୍ଭ କରି ଯାନବାହାନ, ତେଲ ସବୁଥିରେ ଲାଗିଯାଇଛି ନିଆଁ । ପନିପରିବା ବଜାରରେ ପଶିବା ମୁସ୍କିଲ ହୋଇପଡୁଛି । ଏବେ ଚାଲିଛି ପୁଣ୍ୟ ମାସ କାର୍ତ୍ତିକ । ଏମିତିରେ ଆମିଷ ବ୍ୟବହାର ଊଣା ଥିଲେ ପରିବା ଦର ପ୍ରତିବର୍ଷ ବଢ଼ିଥାଏ । କିନ୍ତୁ ଚଳିତ ଥର ଅବସ୍ଥା ସବୁଥରକୁ ଟପିଯାଇଛି । ହବିଷ୍ୟାଳିଙ୍କ ଅବସ୍ଥା କୁହାନଯିବା ଭଲ । କୌଣସି ପରିବା ନାହିଁ, ଯାହା ଷାଠିଏରୁ ଅଶି ଛୁଇଁ ନସାରିଛି । ସବୁ କଥାରେ ବେପାରୀଙ୍କ ଉପରେ ଦୋଷ ଲଦିଦେଇ ଖସିଯିବା ସହଜ । କିନ୍ତୁ ତଳଠାରୁ ଉପର ପର୍ଯ୍ୟନ୍ତ ପେଟ୍ରୋଲ-ଡିଜେଲ ଦରରେ ଯେଉଁଭଳି ଆକାଶଛୁଆଁ ବୃଦ୍ଧିର ପ୍ରଭାବ ପଡୁଛି, ସେଥିରୁ କେମିତି ଖାଉଟି ବଜାର ଛାଡ଼ି ଯାଇପାରିବ ? ସବୁ କିସମର ଡାଲି, ତେଜରାତି ସାମଗ୍ରୀ ଦର ବଢ଼ି ବଢ଼ି ଚାଲିଛି । ବିଜୁଳି ଶୁଳ୍କରେ ସ୍ଲାବୱାରୀ ବୃଦ୍ଧିର ସିଧାସଳଖ ପ୍ରଭାବ ଭୋଗିବାକୁ ପଡୁଛି ସମସ୍ତଙ୍କୁ । ଘରୋଇ ବ୍ୟବହାରଠାରୁ ଆରମ୍ଭ କରି କଳ କାରଖାନାରେ ବ୍ୟବହାର କରାଯାଉଥିବା ବିଜୁଳିର ଦରବୃଦ୍ଧି ବେଡି ଉପରେ କୋରଡ଼ା ମାଡ଼ ଭଳି ହୋଇଛି । ସେଥିରେ ପୁଣି ଅଘୋଷିତ ବିଜୁଳି କାଟ ସମସ୍ତଙ୍କ ଜୀବନଯାତ୍ରାକୁ ବିଗାଡ଼ି ଦେଉଛି । ଯେଉଁ ପରିମାଣରେ ପ୍ରତିଦିନ ପେଟ୍ରୋଲ ଓ ଡିଜେଲ ଦର ବଢୁଛି, ସେଥିରୁ କେବଳ ଦୁଇ-ଚାରିଚକିଆ ଚଢ଼ାଳିଙ୍କ ସରକାର ପକେଟ କାଟୁନାହାଁନ୍ତି, ମାଲ ପରିବହନରେ ଲାଗୁଥିବା ବଡ଼ ଗାଡ଼ିଠାରୁ ଆରମ୍ଭ କରି ନିର୍ମାଣ ସରଞ୍ଜାମରେ ବ୍ୟବହୃତ ଭାରୀଯାନ କେଉଁ ପରିମାଣରେ ତିନି-ଚାରି ଗୁଣା ମହଙ୍ଗା ହୋଇ ସାରିଛି ତାହା ସମସ୍ତେ ଅଙ୍ଗ ନିଭାଉଛନ୍ତି । ପରିବହନ ବ୍ୟୟ ବଢ଼ିଯାଇଥିବାରୁ ମାଲଗୋଦାମ ବା ପାଇକାରୀ ପେଣ୍ଠରୁ ଖୁଚୁରା ବେପାରୀ ମାଲ କି' ପରିବା ଉଠାଇବା ବହୁତ ବେଶୀ ମହଙ୍ଗା ହେଉଛି । ଖୁଚୁରା ବେପାରୀ ଏମିତିରେ ମହଙ୍ଗା ମାଡ଼ର ଶିକାର ହେଉଛନ୍ତି, ସେହି ଯନ୍ତ୍ରଣାକୁ ସାଧାରଣ ଖାଉଟିଙ୍କ ଉପରକୁ ଠେଲିଦେବା ଛଡ଼ା ସେମାନଙ୍କ ପାଖରେ ଯୁ ରହୁନାହିଁ । ଖାଉଟିମାନେ ବଜାରକୁ ଯିବାକୁ ରୀତିମତ ଡରିଲେଣି । ସମସ୍ତେ ଆଶା କରୁଥିଲେ, ସରକାର ତେଲ ଦର ଉପରେ କୌଣସି ଉପାୟ ବାହାର କରି ଲଗାମ କଷିପାରିବେ । ମାତ୍ର ସରକାର କହିଲେ ସଚରାଚର ଯାହା ବୁଝାଯାଉଛି, ତାହା ଏବେ ନିର୍ବିକାର ପାଲଟି ଗଲାଣି । କୌଣସି ଫଳପ୍ରଦ ସାଧନ ବାହାର କରି ଦରଦାମ ନିୟନ୍ତ୍ରଣ ସକାଶେ ଉଦ୍ୟମ ହେବା ଦିଶୁନାହିଁ । ଶାସନ କ୍ଷମତାରେ ଥିବା ଦଳ ଉପରୁ ଖାଉଟି ଜନତାଙ୍କ ଭରସା ତୁଟିଗଲାଣି କହିଲେ ଭୁଲ୍ ହେବନାହିଁ । କରୋନା ସଂକ୍ରମଣ ହେତୁ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ବଙ୍କା ହୋଇସାରିଛି । ଏହାର ନଗଦ ପ୍ରଭାବରେ ସମସ୍ତଙ୍କର କ୍ରୟଶକ୍ତି ହ୍ରାସ ପାଇଛି । କାହାରି ଉପାର୍ଜନ କ୍ଷମତାରେ ଉନ୍ନତି ତ ହୋଇନାହିଁ, ଓଲଟି ପରିବାର ଚଳାଇବା ସକାଶେ କିଛି ସାଧନ ଜୁଟାଇବା ରାସ୍ତା ଦିଶୁନାହିଁ । ଯେଉଁ ବ୍ୟକ୍ତି ଶହେ ଟଙ୍କିଆ ନୋଟ୍ ନେଇ ବଜାରକୁ ଯାଉଥିଲେ ଓ ଅଧାବ୍ୟାଗ୍ ପରିବା ଧରି ଘରକୁ ଫେରୁଥିଲେ, ତାଙ୍କୁ ଏବେ ବଜାର ହାଲ୍ ଦେଖି ନିରାଶ ହେବାକୁ ପଡୁଛି । ଯେତେ ଛୋଟ ପରିବାର ହୋଇଥିଲେ ସୁଦ୍ଧା ଦୁଇ ପ୍ୟାକେଟ୍ ଖାଇବା ତେଲ, ଦୁଇ କେଜି ଡାଲିରେ ଚଳୁଥିଲା, ତାହା ଏବେ ଅଧାକୁ ଖସି ଆସିଲାଣି । ଖାଇବା ତେଲ ଯୋଗାଣକାରୀ ଉଦ୍ୟୋଗପତିଙ୍କ ଉପରେ ନେତୃତ୍ୱର ବରଦ ହସ୍ତ ରହିଥିବାରୁ ତାଙ୍କର କରୋନା କାଳରେ ସୁଦ୍ଧା ଆୟ କୋଟି ସଂଖ୍ୟାରେ ବହୁଗୁଣିତ ହୋଇଥିବାର ଶୁଣିବାକୁ ମିଳୁଛି । ବହୁରାଷ୍ଟ୍ରୀୟ ଚରିତ୍ର ଥିବା କମ୍ପାନିଙ୍କ ମୁନାଫାଖୋର ନୀତି ଉପରେ ଯଦି ସରକାର ଲଗାମ କଷିବାକୁ ସକ୍ଷମ ହେବେ, ତେବେ ଆଶା କରିହେବ, ଦ୍ରୁତ ହାତରୁ ଖସିଯାଉଥିବା ଅବସ୍ଥା ସାମାନ୍ୟ ହେଲେ ସୁଧୁରି ପାରୁଥାନ୍ତା । । ମାତ୍ର ଦେଶବାସୀଙ୍କ ଦୁର୍ଭାଗ୍ୟ, କଥିତ ସଂକ୍ରମଣ ଯାହା କିଛି ହନ୍ତସନ୍ତ କରୁଛି, ତାହାରି ସୁଯୋଗ ନେଇ ମୁନାଫାଖୋର ଉଦ୍ୟୋଗପତି ଦୁଃସ୍ଥିତିରୁ ଫାଇଦା ମାରୁଛନ୍ତି । ସ୍ଥଳବିଶେଷରେ ଭେଜାଲ ସାମଗ୍ରୀରେ ବଜାର ଭରିଯାଉଛି ଏବଂ ଖାଉଟିମାନଙ୍କୁ ଭକୁଆ ବନାଯାଉଛି । ଅସହାୟ ଖାଉଟି ଏଥିରେ ଛଟପଟ ହୋଇ ମରିବା ଛଡ଼ା ରାସ୍ତା ଦେଖାଯାଉନାହିଁ ।

## ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ଦୟନୀୟ ସ୍ଥିତି !



ପ୍ରଦୋଷ କୁମାର ଦାସ

ଚଳିତ ୨୦୨୧ ବର୍ଷ, ବିଶ୍ୱର ୧୧୬ଟି ଦେଶକୁ ନେଇ ପ୍ରସ୍ତୁତ କରାଯାଇଥିବା ବିଶ୍ୱ କ୍ଷୁଧା ସୂଚୀରେ ଆମ ଦେଶ ଭାରତ ବର୍ଷର ସ୍ଥାନ ୧୦୧ ନମ୍ବରରେ ରହିଛି। ଭାରତର ସ୍ଥାନ ୯୪ ରହିଥିବା ବେଳେ ଏବେ ୧୦୧ ସ୍ଥାନକୁ ଖସି ଆସିବା ଖବର ଉଦବେଗଜନକ ଅଟେ। ଆୟାର୍ଲାଣ୍ଡର ସହାୟତା ପ୍ରଦାନକାରୀ ସଂସ୍ଥା 'କନସର୍ନ ୱାର୍ଲଡୱାଇଡ' ଏବଂ ଜର୍ମାନୀର 'ୱେଲଟ ହଙ୍ଗର ହିଲଫେ' ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଭାରତର କ୍ଷୁଧାକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୨୦୦୦ ମସିହାରେ ଭାରତର ସ୍କୋର ବିଶ୍ୱ କ୍ଷୁଧା ସୂଚୀରେ ୩୮.୮ ରହିଥିଲା। ଏହା କ୍ରମେ ହ୍ରାସ ପାଇ ଗତ ୨୦୧୨ ମସିହାରୁ ଚଳିତ ୨୦୨୧ ମସିହା ସୁଦ୍ଧା ୨୮.୮ ରୁ ୨୭.୫

ମଧ୍ୟରେ ରହିଛି। ସୂଚନା ମୁତାବକ ଏହି ବିଶ୍ୱ କ୍ଷୁଧା ସୂଚକାଙ୍କ ଆମ ପଡୋଶୀ ପାକିସ୍ତାନ, ବଙ୍ଗଳାଦେଶ, ନେପାଳ ଭାରତ ଅପେକ୍ଷା ଭଲ ସ୍ଥିତିରେ ରହିଛି। ଅବଶ୍ୟ ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକାରେ କ୍ଷୁଧାତୁର ଲୋକଙ୍କୁ ଖାଦ୍ୟ ଯୋଗାଇବା କ୍ଷେତ୍ରରେ ମିଆଁମାର (ବର୍ମା) (୭୧), ନେପାଳ (୭୬), ବଙ୍ଗଳାଦେଶ ( ୭୭), ପାକିସ୍ତାନ (୯୨) ଆଦି ମଧ୍ୟ ଚିନ୍ତାଜନକ କ୍ଷୁଧା ବର୍ଗରେ ରଖାଯାଇଛି। ଭାରତ ( ୧୦୧) ତଳକୁ ରହିଥିବା ମାତ୍ର ୧୫ଟି ଦେଶ ମଧ୍ୟରେ ସୋମାଲିଆ ସର୍ବଶେଷ ୧୧୬ ତମ ସ୍ଥାନରେ ରହିଥିବା ବେଳେ ଅନ୍ୟ ୧୪ ଟି ଦେଶ ମଧ୍ୟରେ ପପୁଆ ନ୍ୟୁ ଗିନି, ଆଫଗାନିସ୍ଥାନ, ନାଇଜେରିଆ, କଙ୍ଗୋ, ମୋଜାମ୍ବିକ, ସିଏରା ଲିଏନୋ, ତିମୋର ଲେଷ୍ଟି, ହାଇତି, ଲାଇବେରିଆ, ମାଡାଗାସ୍କାର, ଚାଡ, ୟେମେନ ଆଦି ଅନ୍ତର୍ଭୁକ୍ତ।

ଏହି ବିଶ୍ୱ କ୍ଷୁଧା ସୂଚକାଙ୍କ ମୂଲ୍ୟାୟନରେ ବିଚାରକୁ ନିଆଯାଇଥିବା ୪ଟି ମାପଦଣ୍ଡରେ ଅପପୃଷ୍ଟି,ଉତ୍କଟ ଅପପୃଷ୍ଟି, ଦୀର୍ଘ କାଳୀନ ଅପପୃଷ୍ଟି ତଥା ୫ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ପରିସଂଖ୍ୟାନ ଅଟେ। ଏଥି ସହ ୫ ବର୍ଷରୁ କମ ବୟସର ଶିଶୁଙ୍କର ସ୍ୱାସ୍ଥ୍ୟଗତ ସ୍ଥିତି, ଜନ୍ମରୁ ୫ବର୍ଷ ଯାଏ କ୍ରମବର୍ଦ୍ଧିଷ୍ଣୁ ଶିଶୁଙ୍କର ବୟସ ମୁତାବକ ଆବଶ୍ୟକ ଉଚ୍ଚତା, ଓଜନ, ଶରୀର ବିକାଶ, ମୃତ୍ୟୁହାର ବିଚାରକୁ ନେଲେ ଭାରତର ସ୍ଥିତି ଉପରୋକ୍ତ ବିଶ୍ୱ କ୍ଷୁଧା ସୂଚୀରେ ମୋଟ ୧୧୬ ରାଷ୍ଟ୍ରରୁ ୧୦୧ ସ୍ଥାନରେ ରହିବା ରିପୋର୍ଟ ଆମ ଦେଶକୁ ଏକ ପ୍ରକାର ଆଇନା ଦେଖାଇଛି କହିଲେ ଚଳେ।

କୋଭିଡ-୧୯ ତଥା ଏଥି ଜନୀତ ଲାଗୁ ବିଭିନ୍ନ କଟକଣା, ଅଚଳାବସ୍ଥା ଗତ ୨ ବର୍ଷ ଧରି ଆମର ସାରା ଦେଶରରେ ସାମଗ୍ରିକ ଭାବେ ସବୁ ବର୍ଗର ଜୀବନ ଜୀବିକାକୁ ଏଯାବତ୍ ଏକ ପ୍ରକାର ପ୍ରଭାବିତ କରିରଖିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦୁଃଖର ବିଷୟ, ଦେଶର ଖାଦ୍ୟ ସୁରକ୍ଷା ଯୋଜନା ଏବେ ମଧ୍ୟ ସଂଖ୍ୟାଧିକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଏମିତି ଅନେକ ନଥିକୃତ ହିତାଧିକାରୀ ରହିଛନ୍ତି, ଯାହାଙ୍କ ନାମରେ ଆସୁଥିବା ରାସନ ସାମଗ୍ରୀ ସେମାନେ ସଠିକ ପରିମାଣରେ ତଥା ସ୍ଥଳ ବିଶେଷରେ ଆଦୌ ପାଇପାରୁ ନାହାଁନ୍ତି। ଅସହାୟ ଗରିବ ହିତାଧିକାରୀଟି ଅସାଧୁ ବିଭାଗୀୟ କର୍ମଚାରୀ ତଥା ରାଜନେତିକ ପେଞ୍ଚର ଶିକାର ହୋଇ ନିଜ ପ୍ରତିବାଦର ସ୍ୱର ମଧ୍ୟ ଉଠାଇ ନପାରି ନୀରବରେ ଲୋତକ ନିଗାଡିବାକୁ ବାଧ୍ୟ ହେଉଛି। ମିଳୁଥିବା ରାସନ ସାମଗ୍ରୀ ନିମ୍ନମାନର ଓ କମ ଓଜନ, ପରିମାଣର ମିଳୁଥିଲେ ମଧ୍ୟ ଅସହାୟ ହିତାଧିକାରୀ ଆଗକୁ ହୁଏତ ମିଳିବା ନମିଳିବା ନେଇ ଆଶଙ୍କାରେ ଚୁପ ରହିବାକୁ ବାଧ୍ୟ ହେଉଛି। ଅନେକ ସ୍ଥଳବିଶେଷରେ ଆଇନ ଓ ପ୍ରଶାସନ ପାଖରେ ତାର ପ୍ରତିବାଦର ସ୍ୱର ମଧ୍ୟ ପହଞ୍ଚିପାରୁନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୁଖୀ ଯୋଜନାର ସଫଳ ରୁପାୟନ ଏବେ କେବଳ ପ୍ରଚାର ସର୍ବସ୍ୱ ପାଲଟିଛି। ଲୋକଙ୍କ ହିତରେ ସରକାରୀ ସ୍ତରରେ ଚାଲିଛି ବୋଲି ଉଦଘୋଷଣା ଅନେକ ସ୍ଥିତିରେ ଧର୍ମକୁ ଆଖି ଠାର ଭଳି କାଗଜ କଲମରେ କେବଳ ଚାଷ ଚାଲିଛି । ଜନ କଲ୍ୟାଣମୁଖୀ ଯୋଜନାର ସିଂହ ଭାଗ ବାଟମାରଣା ହୋଇଯାଉଛି । ଦିନକୁ ଦିନ ଅଭାବୀ ମଣିଷର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ କ୍ଷୁଧା ଓ ଅସହାୟତା ବଢିଯାଇଛି। ସରକାରୀ ଯୋଜନାରେ ଯଥାକଥା ପାଇବାକୁ ବାଧ୍ୟବାଧକତାରେ ଅସହାୟ ହିତାଧିକାରୀଟି ଆପୋଷ ବୁଝାମଣା କରିବାକୁ ବାଧ୍ୟ ହେଉଛି ।

କରୋନା କାରଣରୁ ଆମ ସମାଜର ମଧ୍ୟବିତ୍ତ ବର୍ଗ ଉପାର୍ଜନ ହରାଇ ସବୁଠାରୁ ବେଶୀ ଅସହାୟ। ଏମାନେ ତଳକୁ ଯାଇପାରୁଛନ୍ତି, ନା' ଉପରକୁ ଯାଇପାରିବାରେ ସମର୍ଥ ହେଉଛନ୍ତି। ସଂସାର ଚଳାଇବାକୁ ଅଭାବ ଅସୁବିଧାରେ ପଡି ତଥା ସରକାରୀ ଭାବେ ନଥୀଭୁକ୍ତ ଓ ତଥାକଥିତ ସ୍ୱଚ୍ଛଳବର୍ଗ ବର୍ଗ ବୋଲି କେହି ଏମାନଙ୍କୁ ଆଡ ଆଖିରେ ବିଚାର କରନ୍ତିନାହିଁ। ନିତିପ୍ରତିଦିନ ପରିବାର ଚଳାଇବାକୁ ସ୍ୱଳ୍ପ ଖାଦ୍ୟ ଓ କୁପୋଷଣର ଶିକାର ଏହି ବର୍ଗ ଶିକାର ହେଉଥିବା ଅପପୃଷ୍ଟିର ଅନୁଧ୍ୟାନ କରିବା ନିହାତି ଜରୁରୀ।

ଆମ ଦେଶରେ ଦିନୁଦିନ ହୁ ହୁ ହୋଇ ବଢୁଥିବା ନିତ୍ୟ ବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଦରଦାମକୁ ସମ୍ମୁଖୀନ ହେବା କ୍ରମେ ଅସମ୍ଭବ ହେଲାଣି। ସବୁ ସ୍ତରରେ ଏବେ ପରିବାର ଚଳାଇବା କାଠିକର ପାଠ ହେଲାଣି। ଦରବୃଦ୍ଧି ଜନୀତ ସମସ୍ୟାରେ ଯୁଝି ହୋଇ ଆର୍ଥିକ ପ୍ରଭାବିତ ପରିବାର ପୁଷ୍ଟିକର ଖାଦ୍ୟ ଯୋଗାଡିବା ଦୁଷ୍କର ହେଲାଣି। ପରିବେଶ ଓ ପରିସ୍ଥିତି ଏପରି ହେଲାଣିଯେ ପୂର୍ବାପେକ୍ଷା ଆମ ଦେଶରେ ସରକାରୀ ଭାବେ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସବୁଠାରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ସାଧାରଣ ଜର ରୋଗରେ ପୀଡିତ ମଣିଷଟି ସୁସ୍ଥ ହେବାକୁ ବାଧ୍ୟବାଧକତାରେ ପଡି ଘରୋଇ ହସ୍ପିଟାଲ ଯାଇ ଆର୍ଥିକ ଅନଟନରେ ପଡୁଛି। ଘର ଚଳାଇବାକୁ ଅଭାବୀ ମଣିଷଟି ସପରିବାରେ ଉପଯୁକ୍ତ ଖାଦ୍ୟ ଅଭାବରୁ କ୍ରମେ କୁପୋଷଣର ଶିକାର ହେଉଛି। ପିଲାଙ୍କ କ୍ୟାରିଅର ଚିନ୍ତାରେ ପାଠପଢା ଖର୍ଚ୍ଚ ଏବେ ଆକାଶ ଛୁଆଁ ହୋଇଗଲାଣି। ଏହା ଏକ ପରିବାର ପାଇଁ ଅନେକ ସ୍ଥଳରେ ପୁଷ୍ଟିକର ଖାଦ୍ୟ ଯୋଗାଡରେ ପ୍ରତିବନ୍ଧକ ମଧ୍ୟ ସୃଷ୍ଟି କରିବାରେ ଲାଗିଛି। ଗ୍ରାମାଞ୍ଚଳ ରେ ଆର୍ଥିକ ଅନଗ୍ରସର, ଅପପୁଷ୍ଟି ଜନୀତ ସ୍ୱାସ୍ଥ୍ୟ ସଙ୍କଟ ଏଡାଇବାକୁ ସୁଷମ ଖାଦ୍ୟର ଆବଶ୍ୟକତାକୁ ଗ୍ରହଣ କରିବା ରେ ଅସମର୍ଥ ପରିବାର ତଥା ସହରର ଶ୍ରମିକ ଓ ଖଟିଖିଆ, ପ୍ରବାସୀ ପରିବାର ଯେନତେନ ପ୍ରକାରେ ସାଧାରଣ ଖାଦ୍ୟ ଖାଇ କ୍ଷୁଧା ମେଣ୍ଟାଇ ଥାନ୍ତି। ଯେଉଁ ଖାଦ୍ୟରେ ଆବଶ୍ୟକ ପୋଷକତତ୍ତ୍ୱ ରହିନଥାଏ। ଫଳରେ ଅଭାବୀ ମଣିଷ ସପରିବାର କୁପୋଷଣର ଶିକାର ହୋଇଥାନ୍ତି । ଅଭାବ ଓ ଆର୍ଥିକ ଦୁଃସ୍ଥିତି ଏହାର କାରଣ ବୋଲି କୁହାଯାଏ।

ଆଜିକାଲି ଆଧୁନିକ ପଢା ପିଲାଏ ପାଟି ସୁଆଦ ପାଇଁ ତତ୍କାଳ ଖାଦ୍ୟ (ଇନଷ୍ଟାଣ୍ଟ ଫୁଡ) ଯଥା ଚାଇନିଜ, ମସଲାଯୁକ୍ତ ଖାଦ୍ୟ ଖାଇବା, ରାତି ଅନିଦ୍ରା ରହିବା, ଉଚ୍ଚାଭିଳାଷ ଜନିତ ଅସ୍ଥିରତା, ନିଶା ଆଗ୍ରହ କ୍ରମେ କୃତ୍ରିମ ଖାଦ୍ୟ ଆଡ଼କୁ ମୁହାଁଇ ଚାଲିଛନ୍ତି। କେହି ଶରୀର ପୋଷଣ ପାଇଁ ଚିନ୍ତା କରୁନାହାନ୍ତି। ପ୍ରାୟ ସମସ୍ତେ ପାରମ୍ପରିକ ଖାଦ୍ୟାଭାସରୁ ଓହରି ଯାଇଛନ୍ତି। ସଂଖ୍ୟାଧିକ ମହିଳା ନିଜ ସ୍ୱାସ୍ଥ୍ୟ ପାଇଁ ଅବହେଳା କରୁଥିବା ବେଳେ ଅନେକ ପ୍ରାୟ ପରିବାରରେ ଅବହେଳାର ଶିକାର ହୋଇଥାନ୍ତି। ମହିଳାଟିଏ ପରିବାର ପାଇଁ ନିଜର ପରିଶ୍ରମକୁ ଉତ୍ସର୍ଗ କରୁଥିଲେ ମଧ୍ୟ ପରିସ୍ଥିତିରେ ପଡି ଆପଣାର ସ୍ୱାସ୍ଥ୍ୟ ସୁରକ୍ଷାରେ ଉପଯୁକ୍ତ ଖାଦ୍ୟ ଗ୍ରହଣକୁ ପ୍ରାୟ ଏଡାଇ ଯାଇଥାନ୍ତି। ଆପଣା ସ୍ୱାସ୍ଥ୍ୟ ସୁରକ୍ଷାରେ ଉଦାସୀନ ଅଭାବୀ ମହିଳାଟି କୁପୋଷଣର ଶିକାର ହେବା ସ୍ୱଭାବିକ। ଏପରି ସ୍ଥଳେ ପ୍ରସୂତି କୋଳରେ ସୁସ୍ଥ ସନ୍ତାନଟିଏ ଜନ୍ମ ସମ୍ଭବ ହେବ କିପରି ? ମାଆ ଯଦି କୁପୋଷଣ ପ୍ରଭାବିତ ହୁଏ, ତାର ଜନ୍ମିତ ସନ୍ତାନ ଅପପୃଷ୍ଟି କବଳିତ ହେବ ହିଁ ହେବ। ଆଧୁନିକ ଚଳଣୀ ଓ କର୍ମ ବ୍ୟସ୍ତତାର ବଶବର୍ତ୍ତୀ ଅନେକ ମହିଳା ତଥା ଅନେକ କର୍ମଜୀବି ମହିଳା ଜନ୍ମିତ ଶିଶୁକୁ ଆବଶ୍ୟକ ପରିମାଣରେ ତଥା ଅନୁନ୍ୟ ୯/୧୦ ମାସ ଯାଏଁ ସ୍ତନ୍ୟପାନ ଦେବାରୁ କୁଣ୍ଠା ରଖି ଏଥିରୁ ଏଡାଇ ଯାଉଥିବା ପ୍ରକାଶ। ମାଆ ପାଖରୁ ଶିଶୁର ଏହି ଜନ୍ମ ଗତ ଅଧିକାର ଛିନ୍ନ ହେଉଥିବାରୁ ସ୍ୱଭାବିକ ଭାବରେ ସ୍ତନ୍ୟପାନ ବଞ୍ଚିତ ଶିଶୁଟି ଅପପୁଷ୍ଟିର ଶିକାର ହୋଇଥାଏ। ପରବର୍ତ୍ତୀ ସମୟରେ ଶିଶୁଟି ସ୍ଥଳ ବିଶେଷରେ ପାରିବାରିକ ଲାଳନପାଳନ ଅଭାବ ଓ ଉପଯୁକ୍ତ ଖାଦ୍ୟାଭାବର ସମ୍ମୁଖୀନ ହେଲେ କିଭଳି ତାର ପୁଷ୍ଟିସାଧନ ହୋଇପାରିବ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଅନେକ ଅଂଗନବାଡିରେ ମିଳୁଥିବା ଶିଶୁ ଖାଦ୍ୟରେ, ସ୍କୁଲ ମଧ୍ୟାହ୍ନ ଭୋଜନରେ ମଧ୍ୟ ନିମ୍ନମାନର ଖାଦ୍ୟ ଯୋଗାଣ ଦେଖିବାକୁ ମିଳୁଛି। ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ରହିଛି, ତେବେ ଏହାର ସଫଳ ରୁପାୟନ କିପରି ହେଉଛି, ତାର ତନାଘନା କରିବାରେ ବିଭାଗୀୟ ସ୍ତରରେ ଉଦାସୀନତା ସବୁଠାରେ ପ୍ରାୟ ପରିଲକ୍ଷିତ ହେଉଛି।

ଆମ ଦେଶ ଯଦି ଆବଶ୍ୟକ ପୁଷ୍ଟିକାରକ ଖାଦ୍ୟ ଅଭାବଜନୀତ ସମସ୍ୟାର ଭଉଁରୀ ଭିତରକୁ ଫସିଯାଏ, ତେବେ ଆଗକୁ ଆମେ କିପରି ସଶକ୍ତ ଓ ସୁରକ୍ଷିତ ଭାରତ ପାଇପାରିବା ! ? କ୍ଷୁଧା ଜର୍ଜରିତ ଦେଶ କେବେ ବି ଏକ ସୁରକ୍ଷିତ ଓ ବିକାଶଶୀଳ ରାଷ୍ଟ୍ର ବୋଲି କୁହାଯାଇନପାରେ। ଯଦି ଆମ ଦେଶର ଶିଶୁ ଓ କିଶୋର ତଥା ଯୁବ ବର୍ଗ କୁପୋଷଣ ତଥା ଅପପୃଷ୍ଟିର ଶିକାର ହୁଅନ୍ତି, ତେବେ ଆମ ଦେଶର ଭବିଷ୍ୟତ ଅନ୍ଧକାର ହୋଇଯିବ। ଆମ ଉତ୍ତର ପିଢ଼ି ଏହି ଭଳି ଧାରାରେ କୁପୋଷଣର ଶିକାର ହୋଇଚାଲିଲେ ଆଗାମୀ ଦିନରେ ଆମେ ଏକ କୁପୋଷଣ ଜନୀତ ରୁଗଣ ସମାଜର ଅସହାୟ ଚିତ୍ର ପାଇବା। ପରବର୍ତ୍ତୀ ସମୟରେ ରୁଗ୍ଣ ଉତ୍ତର ପିଢ଼ିଙ୍କ ସେବା ଅଭାବରୁ ବୟୋଜ୍ୟେଷ୍ଠମାନେ ମଧ୍ୟ ଅସହାୟ ହୋଇଯିବେ। ସୁସ୍ଥ ଓ ନିରାମୟ ଭାରତବର୍ଷ ଗଠନ ପାଇଁ ସରକାର ପ୍ରଥମେ ଦରଦାମ ନିୟନ୍ତ୍ରଣ କରିବା ବିଧେୟ। ପ୍ରତି ଗ୍ରାମରୁ ପ୍ରତି ସହର ଯାଏଁ ସରକାରୀ ଯୋଜନାରେ ପ୍ରଣୀତ ବିଭିନ୍ନ ଯୋଜନାରେ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଆବଶ୍ୟକ ଧ୍ୟାନ ଦେବାକୁ ପଡିବ । ଖାଦ୍ୟ ସୁରକ୍ଷା ପ୍ରଣୀତ ଯୋଜନାର ସଫଳ ରୁପାୟନ ପାଇଁ ପ୍ରାଶାସନିକ ସ୍ତରରେ ତନାଘନା ମଧ୍ୟ ଜରୁରୀ ଅଟେ। ଭେଜାଲ ଖାଦ୍ୟଦ୍ରବ୍ୟ ଓ ଅପମିଶ୍ରଣକୁ ରୋକିବାକୁ ଆଇନ କଡାକଡି କରିବାକୁ ସରକାର ଯତ୍ନବାନ ହେବାକୁ ପଡିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଆମେ ଚିନ୍ତାଶୀଳ, ବୁଦ୍ଧିଜୀବୀ, ଦେଶବାସୀ ଏଦିଗରେ ସୃଷ୍ଟ ସମସ୍ୟାର ସମାଧାନ ପାଇଁ ନିଜ ନିଜ ସ୍ତରରେ ମାନବିକତାର ଦାୟିତ୍ୱ ନିର୍ବାହ କରିବା ନିହାତି ଜରୁରୀ। ଏଦିଗରେ ଆବଶ୍ୟକ ଗଠନମୂଳକ ବିଚାରକୁ ସ୍ଥଳବିଶେଷରେ ଆମ ଦେଶର କେନ୍ଦ୍ର ସରକାର ତଥା ପ୍ରତ୍ୟେକ ରାଜ୍ୟ ସରକାରମାନେ ଆପଣାର ରାଷ୍ଟ୍ର କ୍ଷୁଧା ଓ କୁପୋଷଣ ନିବାରଣ ନିମନ୍ତେ ପାରସ୍ପରିକ ସମନ୍ୱୟ ରକ୍ଷାକରି ଜନକଲ୍ୟାଣ ପାଇଁ ବିଶେଷ ଯତ୍ନବାନ ହେବା ଜରୁରୀ । ସୁସ୍ଥ ଓ ସଶକ୍ତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଆମ ସମଗ୍ର ଦେଶକୁ କୁପୋଷଣ ଓ ଅପପୃଷ୍ଟି ମୁକ୍ତ କରିବା କୁ ସବୁମନ୍ତେ ଉଦ୍ୟମ ହେବା ଜରୁରୀ। ଏହା ଆମ ଦେଶକୁ ବିକାଶ ପଥରେ ଆଗେଇ ନେଇ ଉପଯୁକ୍ତ ମାନବ ସମ୍ବଳ ର ଏକ ଦୃଢ଼ ଓ ଅଭେଦ୍ୟ ଦୁର୍ଗ ସୃଷ୍ଟି କରି ପାରିବ। ଏପରି ହୋଇପାରିଲେ କ୍ଷୁଧା ଓ କୁପୋଷଣ ମୁକ୍ତ ଭାରତ ଗଠନ ହୋଇ ପାରିବ। ଭାରତ ଭଳି ବିକାଶଉନ୍ମୁଖୀ ରାଷ୍ଟ୍ର ପାଇଁ ଏହା ଅତ୍ୟନ୍ତ ଜରୁରି।


+ ସା/ପୋ:- ନାଟୁଣୀ,
ଜିଲ୍ଲା:- ଖୋରଧା,
ପିନ୍-୭୫୨୦୩୪
(ମୋ)୬୩୭୦୪୯୫୯୪୪


## ପୂର୍ବତନ କନେଷ୍ଟବଳଙ୍କ ସମ୍ପତ୍ତି

### ( ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ )



ସୁବ୍ରତ କର

ଏହି ଭଦ୍ରଲୋକଙ୍କ ନାମ ହେଉଛି ପ୍ରସନ୍ନ କୁମାର ବେହେରା ଏବଂ ଏ ଖୁଦ୍ ଭୁବନେଶ୍ୱରର କମିଶନରେଟ ପୁଲିସରେ କାର୍ଯ୍ୟରତ ଥିଲେ। ଦୁର୍ନୀତିକୁ ଆମେ ହଟାଇ ପାରିବା କି? ନା ଆମ ସରକାର? ଏହା ଆମ ରକ୍ତରେ ମିଶିଯାଇଛି। ଏହାର ମୂଳ ଉତ୍ପାଟନ ହେବା ଅସମ୍ଭବ। ସରକାରୀ ସ୍ତରରେ ନଭେଭାବ ସରକାରୀ ଅଫିସରମାନେ ଭ୍ରଷ୍ଟାଚାରରେ ଲିପ୍ତ। ଆଉ ଯେଉଁ ୧୦ ଭାଗ ରହିଲେ ତାଙ୍କରି ସାହାଯ୍ୟରେ ସରକାର ଚାଲିଛି। ଏବେ ଦେଖିବା ଭ୍ରଷ୍ଟାଚାରର ଆରମ୍ଭ କେଉଁଠୁ ? ଅତିଶୀଘ୍ର ଇଲେକସନ ଆସୁଛି ଏବଂ ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ ସରକାରଙ୍କ ଏବଂ ଦଳର। ସରକାରଙ୍କ ତରଫରୁ ଯେଉଁ ଟଙ୍କା ଖର୍ଚ୍ଚ ହେବ ଇଲେକସନ ପାଇଁ ତାହାର ଅଡିଟ୍ ହୁଏ ନାହିଁ। କାହିଁକି ହୁଏ ନାହିଁ ଏ ମଧ୍ୟ ଆଶ୍ଚର୍ଯ୍ୟ ଘଟଣା। ସରକାରୀ ଅଫିସର ଟଙ୍କା ଖର୍ଚ୍ଚ କରିବେ କିନ୍ତୁ ସେମାନେ ନା ସରକାର ବା ସାଧାରଣ ଜନତା ପାଖରେ ଉତ୍ତରଦାୟୀ ନୁହନ୍ତି। ଏଇଠି ପ୍ରଶ୍ନ ହେଲା କାହିଁକି ନୁହ ? ପ୍ରତିଟି ଟଙ୍କାର ହିସାବ ରହିବା ଉଚିତ ଏବଂ ସର୍ବ ସାଧାରଣଙ୍କୁ ଅବଗତ କରାଇବା ଉଚିତ୍। ସେହିଭଳି ସବୁ ଦଳ ପାଖରେ କୋଟି କୋଟି ଟଙ୍କା ଦଳ ନାଁରେ ଗଚ୍ଛିତ ଅଛି। ଯେତେ ବଡ଼ ଦଳ ସେତେବେଶି ଟଙ୍କା। ଟଙ୍କାମାନେ ହଜାର, ଲକ୍ଷ ନୁହଁ କୋଟିରେ। ଏଇଠି ପ୍ରଶ୍ନ ହେଲା ଦଳମାନେ କେଉଠି ଟଙ୍କା ପାଉଛନ୍ତି ଏବଂ ଏମାନଙ୍କୁ ଟଙ୍କା ଦେଉଛି କିଏ? ଯେଉଁ ଟଙ୍କା ଦଳକୁ ଆସୁଛି ତାର ଖର୍ଚ୍ଚ ବାବଦକୁ ଉତ୍ତରଦାୟୀ କିଏ ?

ଏହି ଟଙ୍କା ଅଧିକାଂଶ ଆସେ ଦାନରେ ଏବଂ ଚାନ୍ଦା ଆକାରରେ, ଏହା ଦଳର ଅଧିକାରୀମାନେ ଆମକୁ ବୁଝାନ୍ତି। ଆମ୍ଭେମାନେ ଅତି ସହଜରେ ବୁଝିଯାଉ ଏବଂ କେବେ ପ୍ରଶ୍ନ କରୁନୁ। ଏହି ବାବଦରେ ଏହାର ଉପରେ ପାର୍ଲାମେଂଟରେ ବହୁତ ଥର କଥା ଉଠିଛି ଏବଂ ସବୁ ଦଳ ମିଶି ଏହାକୁ ଚାପି ଦିଅନ୍ତି, କାରଣ ସମସ୍ତେ ଏଥିରେ ସାମିଲ ଏବଂ କିଏ କାହାକୁ କହିବେ ? ମୋର ଏତେ କଥା ଲେଖିବାର କାରଣ ହେଲା ଭ୍ରଷ୍ଟାଚାର ଏଇଠୁ ଆରମ୍ଭ, କିନ୍ତୁ ସରକାର ସରକାରୀ ସ୍ତରରେ ୭ ଦିନ ପାଇଁ ଭ୍ରଷ୍ଟାଚାର ସପ୍ତାହ ପାଳନ କରନ୍ତି ଏବଂ ଏହା ପୁଣି ଶପଥ ମାଧ୍ୟମରେ। ଏହି ସବୁ ଲୋକ ଦେଖାଣିଆ କାମ ନକରିଲେ ଭଲ ହୁଅନ୍ତା। କିଛିଦିନ ତଳେ ଜଣେ ଦୈନିକ ପତ୍ରୀକାରର ସମ୍ପାଦକ ଏବଂ ବିଶିଷ୍ଟ ବ୍ୟକ୍ତି, ମଧ୍ୟ କହିଲେ ସବୁ ରାଜନୈତିକ ନେତା ବିଶେଷ ଭାବରେ ଜନ ପ୍ରତିନିଧିମାନେ ଯେଉଁ ଇନକମ ସାର୍ଟିଫିକେଟ ସରକାରଙ୍କଠାରେ ପେଠ କରନ୍ତି ସବୁ କଣ ଠିକ୍ ଠାକ୍ ଥାଏ? ସେ ନିଜେ ମଧ୍ୟ ଜଣେ ଜନ ପ୍ରତିନିଧି। ଏହିଥରୁ ବୁଝନ୍ତୁ ଆମେ କେତେ ସଚ୍ଚୋଟ ଏବଂ ଭ୍ରଷ୍ଟାଚାରରୁ ଦୂରରେ ଅଛୁ? ସରକାର ନିଜେ ଠିକ୍ ରହନ୍ତୁ। ସରକାର ଚଳାଉଥିବା ବା ଦଳ ଚଳାଉଥିବା ଲୋକମାନେ ଠିକ ରହନ୍ତୁ ଏବଂ ରହିଲେ ସମସ୍ତେ ସଜଡ଼ା ହୋଇଯିବେ। କନେଷ୍ଟବଳର ୫ କୋଟି ଟଙ୍କାର ସମ୍ପତ୍ତି ହେଉ ବା ନେତାମାନଙ୍କ ୧୦୦ କୋଟି ଟଙ୍କା ହେଉ ବା ସବୁ କଳାଧନ ଜନସାଧାରଣଙ୍କ ଉନ୍ନତିରେ ଆସିବ ଏବଂ ଆମ ଦେଶ ବା ରାଜ୍ୟ ଗରିବ ଦେଶ ହୋଇ ରହିବ ନାହିଁ ବା ଲୋକ ଦେଖାଣିଆ ଭ୍ରଷ୍ଟାଚାର ସପ୍ତାହ ପାଳନ କରିବାର ଦରକାର ପଡ଼ିବ ନାହିଁ। ଆଗେ ନିଜେ ଆଦର୍ଶବାନ ହୁଅନ୍ତୁ ପରେ ଅନ୍ୟକୁ କହିବା।

କବିତା କୋଣାର୍କ

## ମୁକ୍ତି ଚାହେଁ



ଦୁଷ୍ମନ୍ତ ବେହେରା

ମୁକ୍ତି ପଥରେ ଦେହ ଥୋଇ
ପାପର ସାଗରେ ବୁଡି ବୁଡି
ଭାଗ୍ୟକୁ ନିନ୍ଦେ ଦୋଷ ଦେଇ
କପାଳ ଲେଖାକୁ ହୁଙ୍କା ପିଟି !!

ଦେହ ଥିଲେ ସ୍ୱର୍ଗ ବାସି
ଆପଣା ରାଇଜେ ହେବୁ ନାଶି
ଗଙ୍ଗା କୋଳେ ଯେତେ ଜନ
ପରତେ ଆପଣା ମୁକ୍ତି ଜାଣ !!

କଳଙ୍କ ଦେହକୁ ଥୋଇ ମନ
ଭବ ସାଗରେ ଲୋଭ ବାସେ
ମୁକ୍ତି ବାଟକୁ ଦେଖି କହୁଛି
କର୍ମ ପାପରେ ବୁଡେ ଶରୀର !!

ସୂତା ଖିଅରେ ଜୀବନ ମୋର
ମୁକ୍ତି ଚାହେଁ ହରି ହର
ହାତ ଯୋଡି କରେ ଗୁହାରି
ଉଦ୍ଧାର କର ବିଶ୍ୱହରି !!

ଦେହ ଦେଖି ପାପ ଜାଣି ପାରୁନି
କ୍ଷଣିକ ସେଜରେ ବୁଡେ ଯଉବନ
ଉଠି ଚାହିଁ ଦେଖେ ସରିଯାଏ
ସମୟ ଖେଳ ସମୟ ଚକ୍ର !!

ସଂସାର ସୁଖ ନା ରାଇଜ ସୁଖ
ଘରୁ ଚାହିଁ ଦେଲେ ଜୀବନ ଦୁଃଖ
ଅଳସ ପଣକୁ ଯାବୁଡି ଧରି
ମୁକ୍ତି ଚାହେଁ ବିଶ୍ୱହରି !!

ମାଟି ପଚାରି କହେ ଶୋଷିଥିଲୁ
ଯାହା ଦୁନିଆ ମୂଳକେନ୍ଦ୍ର କ'ଣ
ପାଇଲୁ କ୍ଷଣିକ ଠୋପାରେ
ଜୀବନ ଭସେଇ ଦେଲୁ !!

ଫୁଲ କୁସୁମ ମୁଖେ ହସି କହେ
ମୋ ବାସ୍ନା ରହେ ନାହିଁ ତୁ କି
ଦୁର୍ଲଭ ଜନ୍ମ ପାଇ ଟାପରା
ମାରି ରଖିଛୁ ନିଜ ପାଖେ !!

ବହି ପଡିଲା ପରି ତତେ ପଡି
ଦେବେ ମାପି ଚୁପି ତର ସମ
କର୍ମ ଆଳସ୍ୟ ରେ ଆଖି ଭିଜେ
ଦେହର ବଡିମା ଯେତେ !!

ଶ୍ରେଷ୍ଠ ଶ୍ରେଷ୍ଠ ବୋଲି ଜଗତ କହେ
ନିଜ କାମ କରି ଚାଲୁ
ନିଜ ସ୍ୱାର୍ଥ ଦେଖି ଦେଖି ଦୁନିଆ
ଦୁଃଖକୁ ମୁଁ ଭୁଲି ଯାଏ !!

ଧର୍ମ ପାଖେ ଥାଇ ଧର୍ମ ମାପି
ପାରେ ନାହିଁ ନିଜର ପୁଣ୍ୟର
କି ହିସାବ ରଖିବି ଭାଗ୍ୟ
ସହ ଉଚ୍ଚ ନିଚ ମାପିବି !!

ପ୍ରେମ ସିନା ମନରେ ଲୋଭ
ମାଂସର ବିକଳ ସ୍ୱାଦରେ
ଆତ୍ମା କହେ ପାପ କରନା
ମନ କ'ଣ ଶୋଷ ବୁଝେ !!

କିଏ ଦେଖି କହେ ଦେଖ ଯାକୁ
ବଞ୍ଚିବା ନା ରେ ଖାଉଛି
ଶରୀର ପଛେ ମାଟି ଦୁବ ହେବ
ନଥିବ ବଡିମା ନଥିବ ଚାତର !!

ଭାସି ଯାଉଛି ମୁଁ ବିଶ୍ୱହରି
ଢେଉ ଖେଳେ ଲୁଚି ଲୁଚି
ଦରିଆ ଦୁଃଖରୁ ଉଦ୍ଧାର କର
ଦୋଷ ଥିଲେ କ୍ଷମା କର ହରି !!

ବେଳ ଖେଳୁଛି ମୋ ସାଥେ ମଉଳି
ମଉଳି ଭବ ସାଗରରୁ ହାତଯୋଡି
ଡାକେ ବିଶ୍ୱହରି ପାପ ହାତରୁ
ମୁକ୍ତି ଚାହେଁ ମୁଁ ହରି !!


+ ରାସୋଳ-ମୁଣ୍ଡିଆପକ୍ଷ
ଢେଙ୍କାନାଳ
(ମୋ)-୯୯୩୭୬୫୨୫୦୪


## ସ୍ୱାର୍ଥାନ୍ଧ ମଣିଷ



କ୍ଷମାନିଧି ଭୋଇ

ଏଠି
ସ୍ୱାର୍ଥାନ୍ଧ ସମାଜ
ସ୍ୱାର୍ଥାନ୍ଧ ମଣିଷ ।

ସ୍ୱାର୍ଥ ସର୍ବସ୍ୱ ବୋଲି ତ
ଶିକ୍ଷିତଠୁ ଅଶିକ୍ଷିତ ପର୍ଯ୍ୟନ୍ତ
ନ ଦିଅନ୍ତି ପଛଘୁଞ୍ଚା
ନିଜ ଜ୍ଞାତସାରେ ବି
କରିବାକୁ ପାପ ।

ଏଠି ଦିହକୁ ବି ବିକାହୁଏ
ବଜାର ଦରରେ
ରାତିର ଗାଢ଼ ଅନ୍ଧାର ଭିତରେ
ଯେଉଁଠି ଆହୁରି
ଗାଢ଼ ହୋଇଉଠେ
ମଣିଷର ଆଇଁଷିଆ ଗନ୍ଧ ।

କିଏ ଭଦ୍ର
କିଏ ଲମ୍ପଟ
ସବୁଯାକ ଏଠି ଏକାକାର
ଯେହେତୁ ଏଠି ପରା
ଆପ୍ୟାୟିତ କରିହୁଏ
ସୁଖ ସନ୍ତୁଷ୍ଟି ଅଜସ୍ର ।

ହଁ, ଏଠି
କ୍ୱଚିତ୍ ଦେଖାଯାଆନ୍ତି
ସଚ୍ଚୋଟ ବ୍ୟକ୍ତିତ୍ୱ;
କେବେ କାହା
ଅଲୋଡା କଥାରେ ସେମାନେ
ନ ପୂରାନ୍ତି ଆପଣା ମସ୍ତକ ।

ତଥାପି, ଦେଖ
କେମିତି ଏ ସଂସାରକୁ
କରୁଥା'ନ୍ତି କବଳିତ
ମାଳମାଳ
ଏଠିକାର ସ୍ୱାର୍ଥାନ୍ଧ ମଣିଷ ।


+ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବଡ଼ଗାଁ
ଜି : ସୁନ୍ଦରଗଡ଼ (ଓଡ଼ିଶା )
ପିନ୍ : ୭୭୦୦୧୬
ମୋ: ୯୪୩୮୨୯୨୯୩୩




## ମୋ ଗାଁ, ମୋ ମା'



ଦେବେନ୍ଦ୍ରନାଥ ମହାଳିକ

କିଆରି କିଆରି ଧାନ ସୋରିଷରେ
ସୁନାର ଫସଲ ହସେ,
ଯେଉଁଠି ପବନ ଭକତିରେ ବୋଳା
ତୁଳସୀ ତୁଳସୀ ବାସେ
ଯେଦିନୁଁ ଛୁଇଁଲି ସେ ମାଟିକୁ ସାଙ୍ଗ
ସେଦିନୁ ଲେଖା ତା' ନାଁ।
ମୋ ଗାଁ, ମୋ ମା' ।
ସକାଳ ସୁରୂଯ ମୁରୁଜ ବୁଣଇ
ପବନେ ମହୁଲି ଛୁଆଁ
ମନ୍ଦିରରୁ ଶୁଭେ ଆଳତୀର ସ୍ୱର
କଅଁଳା ବାଛୁରି ଡିଆଁ।
ଅଙ୍କାବଙ୍କା ସେଇ ସରୁ ଗୋହିରିରେ
ନାଉରି ଭସାଏ ନାଆ।
ମୋ ଗାଁ, ମୋ ମା' ।
ମୋ ଗାଁ ଆକାଶେ ସୁରୂଯ ବୁଡ଼ିଲେ
ସଂଜ ଆସେ ନଇଁ ନଇଁ
ପୂନେଇଁ ଆକାଶେ ଜହ୍ନକୁ ଦେଖି
ଫୁଟେ ପୁଣି ନୀଳକଇଁ
ବଗ ସାଥେସାଥେ ବଗୁଲି ତ ଫେରେ
ଡାମରାର କା' କା'।
ମୋ ଗାଁ, ମୋ ମା' ।
ସ୍ନେହ ମମତାର ପଣତରେ ପରା
ଘୋଡ଼େଇ ରଖିଛି ମୋତେ
ମୋ ଗାଁ ପରି ଗାଁଟିଏ ନାହିଁ
ଅସରା କାହାଣୀ କେତେ
ଯେତେ କହିଲେ ବି ସରେନା ତା' କଥା
ସବୁବେଳେ ଲାଗେ ନୂଆ।
ମୋ ଗାଁ, ମୋ ମା' ।


+ ମଙ୍ଗଳପୁର, ତିହିଡ଼ି, ଭଦ୍ରକ
(ମୋ) ୯୭୭୭୨୫୫୭୬୧



# ବାପ ଦଶା

ଡକ୍ଟର ନରେନ୍ଦ୍ର ସେଠୀ

'କ'

ବାପ ଖୁବ ଖଟିଲା। ମୁଣ୍ଡ ଝାଳ ତୁଣ୍ଡରେ ମାରିଲା । ବିଲରେ ଧାନ । ବରଜରେ ପାନ । ସବୁ କଲା ଯାହା ତା ପରିବାର ପାଇଁ ଦରକାର । ବ୍ଲକ ଗଲା । ନେତାଙ୍କୁ ନେହୁରା ହେଇ ଦଣ୍ଡବତ ହେଲା । ଇନ୍ଦିରା ଆବାସ ପାଇଁ ଗୁହାରି କଲା। ଚାଳ କୁଡ଼ିଆକୁ ଭାଙ୍ଗି ଇଟା ମାଟି ଜାବରେ ଘର କଲା । ପୁଅକୁ ଝିଅକୁ ପାଠ ପଢେଇଲା । ନିଜକୁ ସୁପର ମ୍ୟାନ କରି ପୂରଣ କଲା ପିଲାଙ୍କ ସବୁ ଦାବି । ନୂଆ ସାଇକଲ କିଣିବାର ଅକ୍ଷମତାକୁ ଚଳେଇ ଦେଲା ଭଙ୍ଗା ସାଇକଲ ମରାମତି କରି । ନୂଆ ବହି ବଦଳରେ ସେକେଣ୍ଡ ହ୍ୟାଣ୍ଡ ବହି ଆଣିଦେଲା ପିଲାଙ୍କୁ । ପୁଅ ବଡ଼ ହେଇ ବଡ଼ ଚାକିରି କଲା । ଇଚ୍ଛାରେ ଭଲ ପାଇ ବାହାହେଲା ବଡ଼ ଘରେ । ଝିଅ ବାହାହେଇ ଶାଶୁ ଘର ଗଲା । ବାପ ରହିଗଲା ଗାଁରେ । ବୁଢ଼ୀ ନାତି ପାଳିଲା ପୁଅର । ଭିଟାମାଟି ଛାଡି ପୁଅ ବୋହୁଙ୍କ ପାଖରେ ଯାଇ ରହିବାକୁ ତାର ମନ ହୁଏନି । ବୁଢା ବାପର ଦେହ ଭଲ ରହେନି । କିଛି ଦିନ ପରେ ସେ ମରିଯାଏ । ବାପର ମୃତ୍ୟୁରେ ପୁଅ ଆସି ପହଞ୍ଚେ । ଶୁଦ୍ଧ କ୍ରିୟା ସାରି ଫେରିଯାଏ ।

'ଖ'

ସ୍କୁଲ ମାଷ୍ଟର ବାପା ପୁଅକୁ ଭଲ କରି ପଢେଇଲା । ପୁଅ ଇଂଜିନିୟର ହେଲା । ଆମେରିକାର ବଡ଼ କମ୍ପାନୀରେ । ମାଷ୍ଟ୍ରେଙ୍କ ଛାତି କୁଣ୍ଢେ ମୋଟ । ଛୁଟିରେ ପୁଅ ଆସେ । କିଛି ଦିନ ପାଇଁ ଖାଁ ଖାଁ ଘରେ କୋଳାହଳ କରନ୍ତି ନାତି ନାତୁଣୀ । ମାଷ୍ଟ୍ରେ ନାତିକୁ କାଉ ଦେଖାନ୍ତି । କଙ୍କି ଦେଖାନ୍ତି । ବଣି, ହଳଦୀ ବସନ୍ତ ସହ ପରିଚୟ କରାନ୍ତି । ଆମ୍ବ, ନିମ, କୁରୁମ ଓ ନଡ଼ିଆ, ପଣସ, ସପୁରୀ ସହ ଭେଟ କରାନ୍ତି । ମାଛ ପୋଖରୀ, ଆମ୍ବ ତୋଟା ଓ ମୁଗ କିଆରୀ ଆଡେ ବୁଲି ନାତି ତାତୁଣୀ ପରିଚିତ ହୁଅନ୍ତି ନୂଆ ଦୁନିଆ ବିଷୟରେ । ପୁଅ ପସନ୍ଦର ଆରିଶା ପିଠା ହୁଏ । ପିତା ଶାଗ ଭଜା ହୁଏ । ଦେଖୁ ଦେଖୁ ଛୁଟି ସରିଯାଏ । ପୁଅ ପରିବାର ନେଇ ଫେରିଯାଏ । ମାଷ୍ଟ୍ରେ ଅବସର ନେଇ ଦାଣ୍ଡ ପିଣ୍ଡାରେ ବସି ରହନ୍ତି । ବର୍ଷ ସାରା ଗୋହରି ରାସ୍ତା ଆଡେ ଅନେଇ ଅପେକ୍ଷା କରନ୍ତି ପୁଅକୁ । ସେ ଆସେନି । ଦିନେ ମାଷ୍ଟ୍ରେଙ୍କ ଛାତିରେ ଯନ୍ତ୍ରଣା ହୁଏ । ମାଷ୍ଟ୍ରେଙ୍କ ଦଶା ଶେଷ ଆଡ଼କୁ 'କ' ପରି ହୁଏ।

'ଗ'

କେବେ ଅତି ଉଚ୍ଚ ପଦସ୍ଥ ଅଧିକାରୀ ଥିବା ବାପା ଅବସର ପ୍ରାପ୍ତ । ଗୋଟିଏ ବୋଲି ପୁଅ ବିଦେଶରେ। ଏବେ ପ୍ରବାସୀ ଭାରତୀୟ । ବାପା ବୋଉ ରହନ୍ତି ଭୁବନେଶ୍ୱର ସତ୍ତ୍ୱାନ କୋଲୋନୀର ଏକ ଆଲିଶାନ ବଙ୍ଗଳାରେ । ଦି ଦିଟା ଚାକର । ଦରକାରୀ ଜିନିଷ ସବୁ ପହଁଚି ଯାଏ ପାଖରେ । ସେଦିନ ରାତିରେ ହଠାତ ବାବୁ ଚାଲିଗଲେ । ଚାକର ଫୋନ କରି ଜଣେଇଲା ପୁଅକୁ । ପୁଅ ବ୍ୟସ୍ତ ଥିଲା । ବହୁ ରାଷ୍ଟ୍ରୀୟ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ହାନିଲାଭ ସମ୍ମିଳନୀରେ ସେ ବଡ଼ ବଡ଼ ଲୋକଙ୍କୁ ଭାଷଣ ଦେଉଥିଲା। ତଥାପି ସେ ଫୋନ ଉଠେଇଲା । କହିଲା ଶେଷ କୃତ୍ୟ ପାଇଁ କେତେ ପଇସା ଲାଗିବ ? ଚାକର ହିସାବ କଲା। । ସ୍ୱର୍ଗଦ୍ୱାରରେ ପନ୍ଦର ଶହ । ଭୁବନେଶ୍ୱରରୁ ପୁରୀ ଗାଡି ଭଡା ତିନିହଜାର । ଶୁଦ୍ଧ କ୍ରିୟା କୋଡିଏ ହଜାର । ପୁଅ କହିଲା ପଚିଶ ହଜାର ପଠେଇଲି । କାମ ସାରିଦେ। ମୁଁ ବ୍ୟସ୍ତ ଅଛି । ଚାକର ଦିଜଣ ଆଁ ମେଲା କରି ପରସ୍ପରକୁ ଅନେଇଲେ । ସବୁଠୁ ପୁରୁଣା ଓ ବିଶ୍ୱସ୍ତ ଚାକର ଲୁହ ପୋଛି ଆର ଜଣଙ୍କୁ କହିଲା ୧୦୮ ଆମ୍ବୁଲାନ୍ସକୁ ଫୋନ କର । ସ୍ୱର୍ଗଦ୍ୱାର ଯିବା ।

\+ + +

'କ', 'ଖ' କିମ୍ବା 'ଗ' ର ବାପା ମାନେ କେବେ ବଦଳିବେନି । ସେମାନଙ୍କର ଶ୍ରେଣୀ ଅଲଗା ହେଇପାରେ ମାତ୍ର ପ୍ରଜାତି ଗୋଟିଏ । ଯାହାର ଗୁଣ ଖାଲି ନିଜେ ନିଜକୁ ତ୍ୟାଗ କରିବା । ସେ ସବୁ ତ୍ୟାଗ କରି ପରିବାର ଆଗରେ ଜଣେ ବୋକା, ନିକମା ଓ ଅକର୍ମଣ୍ୟ ବ୍ୟକ୍ତିର ଆଖ୍ୟା ପାଆନ୍ତି । ବାପା କେବେ କହନ୍ତିନି କଣ ତାଙ୍କର ଇଚ୍ଛା। ଲହୁ ଲୁହାଣ କରନ୍ତି ଜୀବନକୁ । ପୁଅ, ଝିଅ ଓ ପରିବାରର ଇଚ୍ଛା ପୂରଣ କରିବାକୁ। ତଥାପି ପରିବାର ଆଗରେ ସେ ଜଣେ ନିହାତି ଅଳସୁଆ ଓ ବୋକା ମଣିଷ ରୂପରେ ଆଖ୍ୟା ଅର୍ଜନ କରନ୍ତି । ବାପାଙ୍କର ଧୀରେ ଧୀରେ ବଳ ବୟସ ସରି ସରି ଆସେ । ଦେହପା ଭଲ ରହେନି । ବାପା ଜଣେ ବିରକ୍ତିକର ବୁଢା ହେଇ ସମସ୍ତଙ୍କୁ ହଇରାଣ କରନ୍ତି । ଶେଷରେ ଆଇସିୟୁ ୱାର୍ଡର ଛାତକୁ ଅନେଇ ବାପା ହେଜନ୍ତି । କିନ୍ତୁ ସେତେବେଳକୁ ନେଡି ଗୁଡ଼ କହୁଣୀରେ । ଆଉ ଉପାୟ ନଥାଏ । ବାପା ଆଖି ବୁଜନ୍ତି । ପୁଅ, ଝିଅ ବୋଉର ଫଟୋକୁ ବଡ଼ କରି ଟାଙ୍ଗନ୍ତି ଡ୍ରଇଂ ରୁମରେ । ବାପାଙ୍କ ଛୋଟିଆ ଫଟୋରେ କୃତ୍ରିମ ଫୁଲ ମାଳ ମଳିନ ହେଇଯାଏ । ବାପ ଦଶା ପୂର୍ଣ୍ଣ ହୁଏ ।

\+ଯାଦୁଗୁଡା, ପୂର୍ବ ସିଂଭୂମି, ଝାରଖଣ୍ଡ -୮୩୨୧୦୨, ଫୋନ୍: ୦୭୦୦୪୦୬୮୧୧୦

# ସକାରାତ୍ମକ ବିଚାର





ନଗେନ୍ଦ୍ର ନାଥ ପଟ୍ଟନାୟକ

ରିମା ବେଇଲେ ନିଷ୍ପାପର ନସର୍ଟିଏ । ଖୁବ୍ ଛୋଟ ଡାକ୍ତରଖାନାରେ ସେ ତା'ର ନିର୍ଦ୍ଧାରିତ କାର୍ଯ୍ୟ-ପାଇଟିକୁ

ସୁରୁଖୁରୁରେ ତୁଲାଉଥିଲା। ରୋଗୀଙ୍କୁ ସେବା ଶୁଶ୍ରୁଷା କରିବାକୁ ଖୁବ୍ ଭଲ ଲାଗୁଥିଲା ତାକୁ । ଦିନେ ଜଣେ ତରୁଣ ସେଇ ଡାକ୍ତରଖାନାକୁ ଆସିଲା । ନିଜ ଦେହପା ଦେଖାଇ ଚିକିତ୍ସିତ ହେବା ପାଇଁ । ସେ ତା ବାପା ବୋଉଙ୍କର ଏକମାତ୍ର କୋଡପୋଛା ପୁଅ। ଡାକ୍ତରବାବୁ ତା ଦିହହାତ ଆଉ ମୁଣ୍ଡର ନାଡିଦେଖି ପରୀକ୍ଷା କଲେ। ଦୃଢ଼,ଗମ୍ଭୀର ଭାବରେ କହିଲେ-ୟାକୁ ଜଲଦି ଡାକ୍ତରଖାନାରେ ଭର୍ତ୍ତି କରିଦିଅ । ରିମା ବେଶ୍ ଭଲ ଭାବରେ ଜାଣିଥିଲା, ଡାକ୍ତରବାବୁ ରୋଗକୁ ଠିକସେ ଚିହ୍ନଟ କରି ଭଲ କରିବା ପାଇଁ ଯାହାକିଛି ନିଜ ଇଚ୍ଛାମତେ କରିପାରିବେ। ସେତେବେଳକୁ ତରୁଣ ଯୁବକଟିର ଅବସ୍ଥା ସଂକଟାପନ୍ନ। ରିମାକୁ ଜଣାପଡିଲା, ସେ କର୍କଟ ରୋଗରେ ଆକ୍ରାନ୍ତ । ତାକୁ ବଂଚାଇବା ବୋଧେ କାଠିକର ପାଠ ହୋଇପାରେ। ଜଣେ ନାମକରା କାନସର ସର୍ଜନ ହିସାବରେ ଖୁବ୍ ସୁଖ୍ୟାତି ଅଜର୍ନ କରିଥିବା ମୁମ୍ବାଇ ସହରର ଡାକ୍ତର ଅଗ୍ରୱାଲ ଡକାଗଲା। ରୋଗାକ୍ରାନ୍ତ ଯୁବକଟିକୁ ସେବା-ଶୁଶ୍ରୁଷା କରିବା ପାଇଁ । ଯେତେବେଳେ ଡାକ୍ତର ଅଗ୍ରୱାଲ ଜାଣିବାକୁ ପାଇଲେ ଚିକିତ୍ସା ଉପଚାରର ସବୁତକ ଖର୍ଚ୍ଚ ଖୋଦ ଡାକ୍ତରବାବୁ ବହନ କରିଛନ୍ତି ତାଙ୍କର ଆଦର ସମ୍ମାନ ଆହୁରି ବଢିଗଲା ସେଇ ଡାକ୍ତର ଜଣକ ପ୍ରତି । ଫି ହପ୍ତାରେ ସେ ନିଜ ପକେଟରୁ ଖର୍ଚ୍ଚକରି ଅମରାବତୀରୁ ମୁମ୍ବାଇକୁ ଆସୁଥିଲେ ସେଇ ରୋଗୀ ଯୁବକଟିର ଚିକିତ୍ସା, ଉପଚାର ପାଇଁ । ଡାକ୍ତର ଅଗ୍ରୱାଲା ଆସିବା ମାତ୍ରେଇ ଡାକ୍ତରଖାନାର ପରିବେଶ ଚଳଚଂଚଳ,ଜୀବନ୍ତ ହୋଇଉଠୁଥିଲା। ସେଇ ନବଯୁବକଟିର ହାଲତ ପୂର୍ବାପେକ୍ଷା ବେଶ୍ ସୁଧୁରିଯାଇଥିଲା। ଦିନେ ସେ ଡାକ୍ତରବାବୁଙ୍କୁ ଚିନ୍ତିତ ସ୍ୱରରେ ପଚାରିଲା– ସାର ! ମୁଁ ଭଲ ହୋଇଯିବି। ଡାକ୍ତର ସାହେବ ଠୋ ଠୋ ହେଇ ହସିଉଠି ପଚାରିଲେ –ଆଛା ! ତମକୁ କେମିତି ଲାଗୁଛି, ଦିହପା ଠିକଠାକ ଲାଗୁଚି ନା ? ଯଦି ଭଲ ଲାଗୁଚି ଏଇଲେ ତୟାର ହୋଇଯାଅ ଘରମୁହାଁ ହେବାକୁ । ଡାକ୍ତରବାବୁ ତାଙ୍କ ପ୍ରୋକଷ୍ଠରୁ ଧଡାସକିନା ବାହାରିଲା ବେଳକୁ ରିମା ଡାକ୍ତରବାବୁଙ୍କ ଆଡେ ମୁହଁ ଫେରାଇଆଣି ପଚାରିଲା—ସାର ! ସତେରେ କଣ ମୁଁ ଘରକୁ ଚାଲିଯିବି ? ମତେ ମାଡି ବସିଥିବା ରୋଗଟା କଣ ପଳେଇଗଲା ? ୟା'ପରେ ଡାକ୍ତରବାବୁ ମୁହଁ ଖୋଲିଲେ-ତୁମର ସେଇ ରୋଗଟା ଏଯାଏ ଉପଚାର ହୋଇନାହିଁ। କିନ୍ତୁ ତୁମେ ଯେମିତି ଭଲ ହୋଇଯିବ ମୁଁ ଚିନ୍ତା କରୁଚି । ଆଉ ପାରୁପର୍ଯ୍ୟନ୍ତ ଚେଷ୍ଟିତ ତୁମକୁ ରୋଗରୁ ମୁକ୍ତ କରିଦେବା ପାଇଁ ଜଣାପଡୁଚି। ତୁମର ମଙ୍ଗଳ ମନାସିବା ଦ୍ୱାରା କିଛି ଗୋଟେ ଅଲୌକିକ ଘଟଣା ଘଟିପାରେ। ଶେଷରେ ତିନିବର୍ଷ ପରେ ସେଇ ନବ ଯୁବକଟି ଆଖି ବୁଜିଦେଲା ଚିରଦିନ ପାଇଁ। ତଥାପି ରୀମା ତା'ଢଳଢଳ ଆଖି ଯୋଡିକରେ ନିରେଖୁଥିଲା ଡାକ୍ତର ଅଗ୍ରୱାଲାଙ୍କ ଫଳପ୍ରଦ ବିଚାରଧାରାକୁ। ତେଣେ ତରୁଣ ଯୁବକର ଅନ୍ତିମ ତିନବର୍ଷ ବେଶ୍ ମଜାମସ୍ତିରେ ବିତିଥିଲା।

\+୯୯୯-୩,ଜଗମୋହନ ନଗର,ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର

ମୋ-୯୪୩୮୩୩୨୧୩୮



# ନୂଆ ଏକ ସକାଳ



ସୁଦର୍ଶନ ମହାପାତ୍ର

କୁଞ୍ଜବିହାରୀ ଲେନ, କଟକ

ଲକଡାଉନ୍ ସମୟର ସଙ୍ଗରୋଧବାସରେ ଅର୍ଦ୍ଧ ବିସ୍ମୃତ କେତେକ ଚରିତ୍ର ପାଉଁଶ ତଳର ନିଆଁରେ କୁହୁଳି ସ୍ମୃତି ଆଇନରେ ଏବେବି ଉଭାସିତ ହୁଅନ୍ତି। ସେହି ମୁହଁ ମାନଙ୍କ ମଧ୍ୟରୁ ମୋ ପରିଚିତ ଗଙ୍ଗା ମାଉସୀଙ୍କ ମୁହଁଟି ଅନ୍ୟତମ । ମୋ ଦରଦୀ ନରମ ପ୍ରାଣକୁ ଛୁଇଁଥିଲା ସେଦିନ ତାଙ୍କର କଥା କହୁଥିବା କଙ୍କାଳ ସାର ହାଡ କେଇଖଣ୍ଡ । ଜୀବନର ଅପରାହ୍ନରେ ଉଦ୍ଦାମ ଉଦ୍ଦାତ କଣ୍ଠରେ ଆତ୍ମନିର୍ଭରଶୀଳ ନିର୍ଭୀକ ଶବ୍ଦ ମାନଙ୍କର କିଛି ତୀକ୍ଷ୍ଣ ସ୍ୱର ମୋ ସମଗ୍ର ସତ୍ତାକୁ ଆନ୍ଦୋଳିତ କରିଥିଲା।

ଗଙ୍ଗା ମାଉସୀଙ୍କ ସହ ମୋର ପ୍ରଥମ ଦେଖା ହୋଇଥିଲା, ନୂଆବଜାର ଓଭରବ୍ରିଜ ତଳେ। ଉଠା ପରିବା ଦୋକାନ ଆଉ ଅଣ୍ଡା ଦୋକାନ ମଝିଆ ମଝି ଜାଗା ଟିକକରେ ଜାକିଜୁକି ହୋଇ ଗୋଟିଏ ପୁଟୁଳି ଧରି ବସିଥିଲେ ସେ। -'ବାବୁ ! କାହାକୁ ଖୋଜୁଚନ୍ତି ?' ପ୍ରକୃତରେ ସେ ଜାଗାର ଅଳ୍ପ ଗହଳି ଭିତରେ ମୁଁ ମୋ ମନ ମୁତାବକ ମୂଲିଆଟିଏ ଖୋଜୁଥିଲା ବେଳେ ମୋ' ଉଦ୍ଦେଶ୍ୟରେ କେତୋଟି ଶବ୍ଦ ଆସିଲା ବୋଲି ମୁଁ ବୁଝି ପାରିଲି। ଏ ମହାମାରୀ ସମୟରେ ଏଠାରେ ଏବେ ଆଗଭଳି ମୂଲିଆମାନେ ଗହଳି କରୁ ନଥିଲେ । ଆଗ ପଛ ହୋଇ ତଳକୁ ଚାହିଁ ଦେଖିଲି, ମୋରି ପାଦ ପାଖରେ ତଳେ ବସିଛି ବୟସ୍କା ସ୍ତ୍ରୀ ଲୋକଟିଏ।

-'କି କାମ ଅଛି ବାବୁ ? ମୋ ଦୃଷ୍ଟି ତା ଉପରେ ପଡ଼ିଲା କ୍ଷଣି ପଚାରି ବସିଲା ସେ। ସତେ ଯେମିତି ମୋ କାମ ପାଇଁ ସେ ହିଁ କେବଳ ଉପଯୁକ୍ତ ! ମୁଁ କ୍ଷଣେ ଚୁପ୍ ରହି କହିଲି-'ତୁମେ ବୁଢ଼ୀ ଲୋକ ! ସେ କାମ ପାରିବ ନାହିଁ। କେତେ ମାସ ଆଗରୁ 'ମଧୁ' ... 'ମଧୁଆ' ହେବ ବୋଧେ ଆମ ଘରକୁ କାମ କରିବାକୁ ଯାଇଥିଲା। ତା'କୁ ଖୋଜୁଛି। ସେ ପ୍ରାୟ ଏଇ ପାଖାପାଖି ଠିଆ ହୁଏ।

-'କି କାମ ବାବୁ ! ମୁଁ ପାରିବି ।' ତାଙ୍କର ଏଇ କେତୋଟି ଶବ୍ଦ ମଧ୍ୟରେ ଯେମିତି ଲୁଚି ରହିଥିଲା ପ୍ରତିଜ୍ଞାଟିଏ ।

-'ମାଟି ହାଣି ଫୁଲ ଗଛ ଲଗାଇବା କାମ। ତୁମେ ସେ ବସିଲା ମାଟି ଖୋଳି ପାରିବ ନାହିଁ।'

-'ପାରିବି ପୁଅ ପାରିବି। ବେଶୀ ସମୟ ଖଟିବି ତୋ' ବଗିଚାରେ। ତୋ' କାମ ପୁରା କରି ତା'ପରେ ଯାଇ ପଇସା ନେବି। 'ସ୍ୱରରେ ଥିଲା ଅବିଶ୍ୱାସନୀୟ ଦାମ୍ଭିକତା। 'ବାବୁ' ଶବ୍ଦରୁ 'ପୁଅ' ଶବ୍ଦର ସମ୍ବୋଧନରେ କି ଶକ୍ତି ଥିଲା କେଜାଣି, ମୋ ଦେହରେ ଶିହରଣଟିଏ ଖେଳିଗଲା ଯେମିତି। ଅଚାନକ ମୋ ପାଟିରୁ ବାହାରି ଆସିଲା -'ହଉ' । ସେତେବେଳକୁ ସେ ତା'ର ପୁଟୁଳିଟି ଧରି ଠିଆ ହୋଇ ସାରିଥିଲା ମୋ ସାମ୍ନାରେ।

-'ଆସ, ଗାଡ଼ିରେ ବସ। ମୁଁ ନେଇଯିବି ଘର ପର୍ଯ୍ୟନ୍ତ।'

-'ତମେ ଚାଲ ବାବୁ। ମୁଁ ତମ ଘରେ ଠିକ୍ ପହଞ୍ଚିଯିବି।'

ତାକୁ ଠିକଣା ବତାଇ, ନୂଆବଜାରରୁ କିଛି ସଉଦା କିଣି ଘରେ ପହଞ୍ଚିଲି। ଟିକିଏ ପରେ ସ୍ତ୍ରୀ ଲୋକଟି ଆସି ପହଞ୍ଚିଗଲା ଏକଦମ୍ ଘର ପାଖରେ।

- 'ମାଉସୀ ! ଏତେ ଶୀଘ୍ର ଆସି ପହଞ୍ଚିଗଲ ?

-'ହଁ ମ ବାବୁ, ଏତିକି ତ ବାଟ। ମୁଁ ରାସ୍ତା ବାଟେ ନଆସି , କେନାଲ କୂଳ ଦେଇ ଆସି ,ତମ ନାଁ ପଚାରି ଚାଲି ଆସିଲି ।'

ବୁଢ଼ୀଲୋକ ଜଣଙ୍କୁ କାମ କରାଇବାକୁ ନେଇ ଆସିଥିବାରୁ ପତ୍ନୀ ଅଶାନ୍ତି ହେଲେ। କିଛି ନକହି ମାଟି ଖୋଳିବାକୁ ଥିବା ଜାଗା ଏବଂ ଉପକରଣ ମାନ ବୁଢ଼ୀ ହାତକୁ ଧରାଇ ଦେଲି । ସନ୍ଧ୍ୟାକୁ ଅଫିସରୁ ଫେରି ଦେଖିଲି ବୁଢ଼ୀ ଖୋଳିଥିବା ମାଟିରୁ ଘାସ ବାଛୁଛି।

-'ମାଉସୀ, ବହୁତ ଡେରି ହେଲାଣି। ଆଜି ସେତିକି ଥାଉ। କାଲି ଆସି ପୁଣି କରିବ।'

ପତ୍ନୀ ଆସି ବୁଢୀକୁ ପଇସା ଦେବାକୁ ବାଧ କଲେ।

-'କେତେ ପଇସା ଦେବି ମାଉସୀ ?'

-'ଯାହା ଭଲ ଭାବୁଛ ଦିଅ ବାବୁ। ମୁଁ ଖୁସିରେ ନେବି।'

ମୂଲିଆଙ୍କ ଠାରୁ କିଛି କମ୍ କରି ପଇସା ଧରେଇଲି ତାକୁ। ସେ କେତେ ପଇସା ନଦେଖି ଅଣ୍ଟାରେ ଖୋସି ବାହାରିଗଲା। ମୁଁ ଏବଂ ପତ୍ନୀ, କମ୍ ପଇସାରେ ଠିକ୍ କାମ କରୁଥିବା ଲୋକଟିଏ ପାଇଲୁ ବୋଲି ଖୁସି ହୋଇଗଲୁ।

ପରଦିନ ଥିଲା ରବିବାର। ସକାଳୁ ସକାଳୁ ଆସି ପହଞ୍ଚିଗଲା ବୁଢ଼ୀ। ନିଜେ ରଖି ଯାଇଥିବା ଜାଗାରୁ ମାଟି ଖୋଳା କୋଡ଼ି, ଶାବଳ ଆଦି ନେଇ କାମରେ ଲାଗିଗଲା । ଦିନ ଗୋଟାଏ ବେଳକୁ ଦେଖିଲି , ଗୋଟିଏ କୋଣକୁ ବସି ସେ ମୁଢ଼ି ଖାଉଛି। ମୋତେ ଦେଖି ଇତସ୍ତତଃ ହୋଇ ଟିକିଏ ହସିଦେଲା।

-'ବାବୁ ମାଆଙ୍କୁ କହିଲେ ପାଣି ମୁନ୍ଦିଏ ଦିଅନ୍ତେ ! ଆଜି ଭାରି ଖରା। ମୋ ବୋତଲରୁ ପାଣି ସରିଯାଇଚି ।'

-'ମାଉସୀ, ସକାଳୁ କ'ଣ ଭାତ ଖାଇଦେଇ ଆସୁଛ ? 'ପତ୍ନୀଙ୍କର ସ୍ୱର ଶୁଭିଲା ପଛରୁ। ହାତରେ ବୋତଲେ ପାଣି। ବୁଢ଼ୀ କିଛି ନକହି ପାଣି ପିଇବାକୁ ମୁଢ଼ି ଖାଉଥିବା ବାସନକୁ ଦେଖାଇ ଦେଲା।

-'ମାଆ, ଆଜି ମାଟିଖୋଳା ସାରି ଅନାବନା ଘାସ ସବୁ ବାଛି ଦେବି। ଖାଲି ଫୁଲ ଗଛ ନ ଲଗେଇ ଶାଗ ମଞ୍ଜି କିଛି ଏକପାଖିଆ କରି ବୁଣିଦେଲେ ଭଲ ହେବ। ଏତେ ବଡ଼ ବାଡିଟା ତ' ପଡିଛି। 'ପରଦିନ ସକାଳୁ ଆସି ବୁଢ଼ୀ, ପତ୍ନୀଙ୍କୁ କହୁଥିବାର ମୁଁ ଶୁଣିଲି। ଆମ ଦୁହିଁଙ୍କ ମନକୁ ପାଇଲା ଏକଥା।

-'ହେଲେ ଏତେ ସବୁ ଗଛ ଲଗେଇ ପାଣି ଦବ କିଏ ?' ମୁହଁ ଶୁଖେଇ କହିଲେ ପତ୍ନୀ।

-'ମୁଁ ଦେବି ମା' ! ସବୁଦିନ ଆସି ମୁଁ ପାଣି ଦେବି।'

-'ତୁମେ କ'ଣ ନିଜ କାମ ଛାଡି, ଏଠିକି ଆସିବ ଗଛରେ ପାଣି ଦେବାପାଇଁ ?' ମୁଁ ପଚାରିଲି।

-'ବାବୁ, କାମ ସାରି ସଞ୍ଜକୁ ଆସି ପାଣି ଦେବି।'

ଚାହୁଁ ଚାହୁଁ କେତେ ଦିନ ଭିତରେ ଗଛରେ ଫୁଲ ଫୁଟିବା ଆରମ୍ଭ କଲା। ସେତେବେଳକୁ ବୁଢ଼ୀ ଆମର ଗଙ୍ଗା ମାଉସୀ ବା ଖାଲି ମାଉସୀରେ ପରିଣତ ହୋଇ ସାରିଥିଲା। ଖାଲି ଗଛମୂଳରେ ପାଣି ଦେଉ ନଥିଲା, କେଉଁଠୁ ଯୋଗାଡ଼ କରି ଗୋବର ଖତ ଦେଇ ଆଗରୁ ଥିବା ଲେମ୍ବୁ, ପିଜୁଳି ଗଛ ସବୁକୁ ଡଉଲଡାଉଲ କରି ରଖିଥିଲା।

ଗଙ୍ଗା ମାଉସୀ ଦିନେ ପରାମର୍ଶ ଦେଲା ଫୁଲ ଗଛରୁ ଫୁଲ ସଂଗ୍ରହ କରି ନୂଆବଜାରରେ ବିକ୍ରି କରିବା ପାଇଁ। ଆମେ ବି ସେଥିରେ ଏକମତ ହେଲୁ। ମାଉସୀ ସକାଳୁ ସକାଳୁ ଆସି ଫୁଲ ନେଇ ବିକ୍ରି କରି, ପଇସା ଆମ ହାତରେ ଧରେଇ କାମକୁ ଯାଆନ୍ତି। ବଦଳରେ ପୂର୍ବଦିନର ତୋରାଣି ମୁନ୍ଦେ ମାଗି ପିଇ ଦେଇ ଯାଆନ୍ତି। ପତ୍ନୀ କେବେ କେବେ ତୋରାଣି ସହିତ ବଳିଥିବା ଭାତ ମୁଠେ ଅବା ତରକାରୀ ଟିକେ ଦିଅନ୍ତି।

ଦିନେ ମୁଁ ଲକ୍ଷ୍ୟ କଲି ଗଙ୍ଗା ମାଉସୀ ତୋରାଣି ପିଇଦେଇ ଭାତ ମୁଠାକ ଆଉ ତରକାରୀକୁ ସଯତ୍ନେ ଗଣ୍ଠିଲି ଭିତରେ ରଖିଲା।-'ମାଉସୀ, ନିଜେ ନଖାଇ କାହା ପାଇଁ ଏସବୁ ନେଇ ଯାଉଛ ?' ସେ ବିକଳରେ ମୋ ମୁହଁକୁ ଚାହିଁଲା।

-'ବାବୁ, ଗୋଟିଏ କଥା ଲୁଚେଇଛି। ରାଗିବନି ଯଦି କହିବି ।' ମୋ କଥାକୁ ଅପେକ୍ଷା ନକରି ପୁଣି କହିଲା -'ତମ ଘରକୁ ଯେଉଁ ମଧୁଆ କାମକୁ ଆସେ, ସେ ମୋରି ପୁଅ। କାହା ସଲା ସୁତରରେ ବେଶି ରୋଜଗାର କରିବ ବୋଲି ଏ ରାଇଜ ଛାଡି ଯାଇଛି ଯେ ଦୁଇ ବର୍ଷ ହେବ ଫେରିନି। ଘରେ ବୋହୂ ଆଉ ନାତି ନାତୁଣୀ ଦିଇଟା। ସେମାନଙ୍କ ବୋଝ ମୋ ଉପରେ। ମୁଁ ଅଖିଆ ଅପିଆ ମରିଗଲେ ଚଳନ୍ତା। ହେଲେ ସେ ଛୁଆ ଦିଇଟା ..! 'ଗଙ୍ଗା ମାଉସୀଙ୍କ ଆଖିରେ ଲୁହ ଟଳମଳ କରୁଥିଲା।

-'ଆରେ ତୁମ ପୁଅ ମଧୁଆ ! ଭଲ ପିଲାଟିଏ ! ଆମେ ତା' କଥା ଏବେବି ଭାବୁ।'

-'ବାବୁ ! ତମେ ତା'କୁ ଭଲ କହିଲ । ହେଲେ ସେ ଏଠୁ ଗଲାପରେ କେତେ କିଏ ତା' ନାଆଁରେ କହୁଛନ୍ତି।

ସେ କାଳେ କେତେ ଲୋକଙ୍କଠୁ ଟଙ୍କା ପଇସା ନେଇ ଯାଇଛି ବୋଲି ଆଉ ଘରକୁ ଆସୁନି। ସେଇଥିପାଇଁ ତମକୁ ମୁଁ ମଧୁଆର ମାଆ ବୋଲି କହି ନଥିଲି।'

ସେଦିନ ପତ୍ନୀ ତା'ର ବାସନରେ କେଇ ମୁଠା ଅଧିକ ଭାତ ଦେଲେ।-' ମା, ତୋର ଧରମ ହେବ। ମୋର ନହେଉ ପଛେ, ସେ ବୋହୂ ମୁଠେ ଆଜି ଭାତ ଖାଇବ ।'

-'କ'ଣ କହୁଛ ମାଉସୀ ! ତୁମେ ସବୁଦିନେ ଭାତ ଖାଇବାକୁ ପାଅନା ?'

-'ଯେଉଁଦିନ କାମ ମିଳେ, ଟଙ୍କା ପାଇ ସମସ୍ତେ ଭାତ ଗଣ୍ଡାଏ ଖାଉ। ଏ ବୁଢ଼ୀ ଲୋକକୁ ସବୁଦିନ କିଏ କାମ ଦେବ ,ମାଆ ?'

ଏ ଭିତରେ ଗଛରେ ଲେମ୍ବୁ,ପିଜୁଳି ଫଳିଲା। ଗଙ୍ଗା ମାଉସୀ ପ୍ରଥମ ଯେଉଁ ଦିନ ଲେମ୍ବୁ ତୋଳିଲା, ଲଙ୍କା ସହ ଗୁନ୍ଥି ଘର ଆଗରେ ଟାଙ୍ଗିଦେଲା। ଘରର ସବୁ ଦୋଷାଦୋଷ କାଟିବାକୁ ଏ ପ୍ରଚେଷ୍ଟା। କ୍ରମେ ଲେମ୍ବୁ , ପିଜୁଳି ବିକ୍ରି କରି ପଇସା ଆଣି ଧରେଇ ଦିଏ । ତା' ନାତି ନାତୁଣୀ ପାଇଁ ଯାଚି କରି କେବେ ପିଜୁଳି ଦୁଇଟା ଦେଲେ ନିଏ।

କରୋନା ମହାମାରୀ ପାଇଁ ନୂଆବଜାର ଇଲାକା ଯେତେବେଳେ ସଟଡାଉନ୍ ହେଲା, ଗଙ୍ଗା ମାଉସୀ ଆଉ ଆସିଲା ନାହିଁ। ଏକୋଇଶି ଦିନ ପରେ ସଟଡାଉନ୍ ଖୋଲିଲା। ଗଙ୍ଗା ମାଉସୀ ଆସିଲା ନାହିଁ। ଦୁଇ ତିନି ଦିନର ଅପେକ୍ଷା ପରେ ଆଉ ଧୈର୍ଯ୍ୟ ଧରି ବସି ହେଲା ନାହିଁ। ମୁଁ ନୂଆବଜାର ଯାଇ ସେଇ ନର୍ଦ୍ଦିଷ୍ଟ ଜାଗାରେ ଠିଆ ହେଲି ଯେଉଁଠି ମୋତେ ଗଙ୍ଗାମାଉସୀ ପ୍ରଥମେ ମିଳିଥିଲା। ବଜାର ଗହଳ ନାହିଁ। ନଜରରେ ପଡ଼ିଲା ଗୋଟିଏ ବନ୍ଦ ଦୋକାନର ପିଣ୍ଡାରେ ସ୍ତ୍ରୀ ଲୋକଟିଏ ବସିଛି। ମନେ ପଡ଼ିଲା ଏଇଭଳି ଶାଢୀଟିଏ ଗଙ୍ଗାମାଉସୀ ପିନ୍ଧନ୍ତି। ପାଖକୁ ଗଲି। ମୋ ଆଡକୁ କିଛି ସାହାଯ୍ୟ ଆଶାରେ ବାସନଟିଏ ଟେକି ଧରିଲା ସେ। ପାଖରେ ଥିବା ଛୁଆ ଦୁଇଟି କେହି ସହୃଦୟ ବ୍ୟକ୍ତି ଦେଇଥିବା ବିସ୍କୁଟ ଖାଉଥାନ୍ତି ବୋଧହୁଏ। ପଚାରିଲି -- 'ଗଙ୍ଗା ମାଉସୀଙ୍କୁ ଚିହ୍ନିଛ ?'

ସେ ମୋ ଆଡକୁ ଜୁଳୁଜୁଳୁ କରି ଚାହିଁଲା କିଛି ସମୟ। -'ହଁ, ବାବୁ। ଚିହ୍ନିଚି । ତା' ଦେହ ଖରାପ ଥିଲା। ଔଷଧ ଟିକିଏ ନପାଇ ଘରେ ପଡ଼ି ପଡ଼ି ମରିଗଲା। ଆଜିକୁ ଦୁଇ ଦିନ ହେଲା। ମୁଁ ତା'ରି ବୋହୂ। ମୁଁ କ'ଣ କରିଥାନ୍ତି ବାବୁ ! 'କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା। ରୋଗୀଣା ଛୁଆ ଦୁଇଟି ମାଆକୁ ଜାବୁଡି ଧରିଥାନ୍ତି। - 'ସେ ମୋ ଶାଶୁ ନୁହଁ ବାବୁ, ସେ ମୋ ମାଆ। ତା'ରି କ୍ରିୟା କର୍ମ କରିବାକୁ ସାହାଯ୍ୟ ମାଗୁଛି।'

ଗଙ୍ଗାମାଉସୀର ମୃତ୍ୟୁ ପାଇଁ ମୁଁ ନିଜେ ଦାୟୀ ବୋଲି ଅନୁଭବ କଲି। ଅଜଣାତରେ କେତେବେଳେ ମୋ ଆଖିରୁ ଲୁହଧାରେ ଗଡ଼ି ସାରିଥିଲା। ବଗିଚାର ଫୁଲ ହେଉ କି ଫଳ, ସବୁତ ଗଙ୍ଗା ମାଉସୀର ଦାନ। ସେସବୁ ବିକ୍ରି ପଇସାରେ ତା'ର ହିଁ ସବୁ ଅଧିକାର ଥିଲା। ସେତକ ପଇସା ସେ ନେଇଥିଲେ ହୁଏତ ସେ ଖାଇବା ବିନା, ଔଷଧ ବିନା ମରି ନଥାନ୍ତା। ପରିବାରର ସୁଦୃଢ଼ ମେରୁଦଣ୍ଡଟି ଆଜି ଭାଙ୍ଗିରୁଜି ମାଟିରେ ମିଶିଗଲା।

ମଧୁଆ ବା ମାଧବ ଦାସକୁ ସୁରଟରୁ ଖୋଜାଖୋଜି କରି, ବସରେ ଓଡ଼ିଶା ଫେରାଇ ଆଣିବାର ପ୍ରଚେଷ୍ଟା ମୋର ସଫଳ ହେଲା। ଗଙ୍ଗା ମାଉସୀର କ୍ରିୟା କର୍ମ ତା'ର ବୋହୂ ଆଉ ନାତି ଦ୍ୱାରା କରାଇ ସାରିଥିଲି। କ୍ୱାରାଣ୍ଟାଇନର ଅବଧି ଶେଷ କର, ମଧୁଆ ଯେଉଁ ଦିନ ତା'ର ସ୍ତ୍ରୀ ପିଲାଙ୍କୁ ଆମ ଘରୁ ନେବାକୁ ଆସିଲା ଆମ ଘରେ ସେଦିନ ଖୁସିର ମହୋତ୍ସବଟିଏ ପାଳନ ହେଲା।

ପରଦିନ ସକାଳୁ ମଧୁଆର ସ୍ତ୍ରୀ ପିଲା ଘରକୁ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ, ଦେଖିଲି ସେ ଯାଇ ବଗିଚାରେ ବୁଲି ବୁଲି ଦେଖୁଛି। - 'କ'ଣ ଦେଖୁଛ ମାଧବ ! ଯାହା ଦେଖୁଛ ସବୁ ତୁମ ମାଆଙ୍କର । ତାଙ୍କ ଅନ୍ତେ ଏ ବଗିଚାର ପ୍ରତ୍ୟେକ ଫୁଲ ଫଳରେ ତୁମର ହିଁ ଅଧିକାର।' ମୋ ମନର କଥା ପତ୍ନୀଙ୍କ ମୁହଁରୁ ଶୁଣି ଖୁବ୍ ଖୁସି ହୋଇଗଲି। ଲକ୍ଷ କଲି ମାଧବ ମୁରୁକି ହସି ମୋ ଆଡକୁ ଚାହିଁଛି। ତା'ର ସେ ହସ ଟିକକ ମୋତେ ଗଙ୍ଗା ମାଉସୀଙ୍କ ହସ ଭଳି ଦିଶୁଥିଲା.... !!!

# ଶିଳ୍ପୋଦ୍ୟୋଗୀମାନଙ୍କ ସଫଳତା ଉପରେ ପର୍ଯ୍ୟବେସିତ ଇ-ପତ୍ରିକା ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଓଡ଼ିଶାର ଶିଳ୍ପୋଦ୍ୟୋଗୀମାନଙ୍କର ସଂଘର୍ଷ, ସଫଳତା ଓ ଜୀବନ କାହାଣୀ ଉପରେ ପର୍ଯ୍ୟବେସିତ ଇ-ପତ୍ରିକା "ଟାଇକୁନ୍ ସ୍ପିକସ୍"ର ତୃତୀୟ ସଂସ୍କରଣ ବାଚସ୍ପତିଙ୍କ ପ୍ରକୋଷ୍ଠରେ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଦ୍ୱିମାସିକ ଭିତିରେ ପ୍ରକାଶିତ ହେଉଥିବା ଏହି ଇ-ପତ୍ରିକା ମାଧ୍ୟମରେ ଓଡ଼ିଶାର ଶିଳ୍ପୋଦ୍ୟୋଗୀମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ସେମାନେ ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାର ସମାଧାନ ଦିଗରେ ପଥପ୍ରଦର୍ଶକ ହେବ ବୋଲି ବାଚସ୍ପତି ଡ଼ଃ ପାତ୍ର ଆଶା ପ୍ରକାଶ କରିଛନ୍ତି । ସମ୍ପାଦକ ଭାବରେ ଗୁରୁଦାୟିତ୍ୱ ବହନ କରି ଓଡ଼ିଶାର ଉଦ୍ୟମୀ ଶିଳ୍ପୋଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ବାଚସ୍ପତି ଡ଼ଃ ପାତ୍ର ମଧ୍ୟ ସମ୍ପାଦକ ଭବାନୀ ଶଙ୍କର ପରିଜା ଏବଂ ସୌମ୍ୟା ମହାପାତ୍ରଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । "ଟ୍ରେଇଲ୍ ବ୍ଲେଜର୍ସ" ନାମରେ ନାମିତ ଏହି ତୃତୀୟ ସଂସ୍କରଣରେ ଓଡ଼ିଶାର ୫ ଜଣ ଶିଳ୍ପୋଦ୍ୟୋଗୀଙ୍କ ସଂଘର୍ଷ ଓ ସଫଳତାର କାହାଣୀ ପ୍ରକାଶିତ ହୋଇଛି ।

# ଆମ କୋଇଲା ଆମକୁ ଦିଅ ଦାବିରେ ମାଷ୍ଟରକ୍ୟାଂଟିନରେ ଆଂଚଳିକ ଶିଳ୍ପ ବିସ୍ଥାପିତ ସଚେତନ ମଂଚ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଆଂଚଳିକ ଶିଳ୍ପ ବିସ୍ଥାପିତ ସଚେତନ ମଂଚ ଝାରସୁଗୁଡ଼ା ତରଫରୁ ଆମ କୋଇଲା ଆମକୁ ଦିଅ ଦାବିରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଏକ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାର ଦୁଇ ହଜାରରୁ ଊର୍ଦ୍ଧ୍ୱ ବିସ୍ଥାପିତ ଅଂଶଗ୍ରହଣ କରିଥିଲେ। ମଂଚର ସଭାପତି ତାପସ ରାୟ ଚୌଧୁରୀ ନିମ୍ନ ଦାବିଗୁଡ଼ିକ ଉପସ୍ଥାପନ କରିଥିଲେ। ମହାନଦୀ କୋଲଫିଲ୍ଡ ଲିଃ ଦ୍ୱାରା ଓଡ଼ିଶାର ବିଭିନ୍ନ କଳକାରଖାନା, ବିଶେଷକରି ପାୱାରପ୍ଲା ଏବଂ ଅନ୍ୟାନ୍ୟ କଳକାରଖାନା ମାନଙ୍କୁ ଗତ କିଛିମାସ ହେଲା ସମ୍ପୂର୍ଣ୍ଣ ଦରକାରୀ କୋଇଲା ସରବରାହ କରୁନାହାଁନ୍ତି। ମହାନଦୀ କୋଲଫିଲ୍ଡ ଲିଃ ବର୍ଷକୁ ୧୪୪ ଲକ୍ଷ ଟନ କୋଇଲା ଉତ୍ପାଦନ କରୁଛି, ଅଥଚ ଓଡ଼ିଶାରେ ସ୍ଥାପିତ ୪୦ରୁ ଊର୍ଦ୍ଧ୍ୱ ପାୱାର ପ୍ଲାଂଟ ୮୫.୯୦ ଲକ୍ଷ ଟନ ବର୍ଷକୁ ଆବଶ୍ୟକ କରୁଛି। ରାଜ୍ୟରେ ସ୍ଥାପିତ ବିଭିନ୍ନ କଳକାରଖାନା ସଠିକ୍ ଭାବରେ ଚାଲିବା ପାଇଁ ୫୫.୬୦ ପ୍ରତିଶତ କୋଇଲା ଯାହାକି ରାଜ୍ୟରୁ ବାହାରୁଛି, ତାଙ୍କୁ ଦରକାର, ଏହି ନିଅଂଟ ଯୋଗାଣ ପାଇଁ ଓଡ଼ିଶା ରାଜ୍ୟର କଳକାରଖାନା ବାହାରୁ ୬୫ ପ୍ରତିଶତ କୋଇଲା ଆମଦାନୀ କରି ତାଙ୍କର କଳକାରଖାନା ଚଳାଉଛନ୍ତି। ଯଦ୍ୱାରା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶା ରାଜ୍ୟରେ କଳକାରଖାନା ସ୍ଥାପନ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିନିଯୋଗ କରିଛନ୍ତି, ଯଦ୍ୱାରା ଓଡ଼ିଶା ରାଜ୍ୟର ସମୂହ ଘରୋଇ ଉତ୍ପାଦନ ୩୬ ପ୍ରତିଶତ ବର୍ତ୍ତମାନ ସୁଦ୍ଧା ଅଛି ଏବଂ ୩୦ ପ୍ରତିଶତ ସିଧାସଳଖ ରୋଜଗାର ରାଜ୍ୟରେ ସୃଷ୍ଟି କରୁଛି, ଅଥଚ ରାଜ୍ୟରେ ସ୍ଥାପିତ କଳକାରଖାନା କୋଇଲା ପାଉନାହାଁନ୍ତି। ଯେହେତୁ ସି.ଏମ୍.ଡ଼ି. ମହାନଦୀ କୋଲଫିଲ୍ଡ ଲିଃ ବୁର୍ଲା ବା କୋଲ କମିଶନର କୌଣସି ଉଚିତ ପଦକ୍ଷେପ ନ ନେଇଥିବାରୁ ବାଧ ହୋଇ ରାଜଧାନୀରେ ଧାରଣା ଏବଂ ବିକ୍ଷୋଭ ମାଧ୍ୟମରେ ଆମ୍ଭ ଦାବୀ ଉପସ୍ଥାପନ କରାଯାଇଛି। ପରିଶେଷରେ ଏକ ପ୍ରତିନିଧିରେ ମଂଚର ସଭାପତି ତାପସ ରାୟ ଚୌଧୁରୀ, ପି. ରାମ ମୋହନ ରାଓ, ତ୍ରିନାଥ ଗୋଆଲ, ରଘୁମଣି ପଟେଲ, ହରିଶ ଗଣନ୍ତା, ହୀରାଲାଲ ଲୋକଚନ୍ଦାନୀ ପ୍ରମୁଖ ରାଜଭବନ ଠାରେ ଓଡ଼ିଶାର ମହାମହୀମ ରାଜ୍ୟପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଂଚର ଉପସଭାପତି ଶ୍ରୀ ରବି ସିଂ, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ସରକାର, ଈଶ୍ୱର ରାଓ ଏବଂ କୋଷାଧ୍ୟକ୍ଷ ସନ୍ଦିପ ଆଓ୍ୱାସ୍ତି ପ୍ରମୁଖ ଅଭିଭାଷଣ ଦେଇଥିଲେ।

## କଂଗ୍ରେସ ଲିଗାଲ ସେଲ କର୍ମକର୍ତ୍ତାଙ୍କ ନାମ ଘୋଷଣା

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଲିଗାଲ ସେଲର ଅଧକ୍ଷ ସୁରେନ୍ଦ୍ର ନାଥ କରଙ୍କ ରାଜ୍ୟ କର୍ମକର୍ତା ପ୍ରସ୍ତାବକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ଲିଗାଲ ସେଲରେ ରାଜ୍ୟ ଉପାଧକ୍ଷ ଭାବେ ରାଜୀବ କୁମାର ମହାପାତ୍ର, ଦେବାଶିଷ ପାଣିଗ୍ରାହୀ, ସନ୍ତୋଷ କୁମାର ଚୌଧୁରୀ, ନିପନ କୁମାର ଦାଶ, ଧରଣୀଧର ସୁଆର, ଅରବିନ୍ଦାକ୍ଷ୍ୟ ପୂଜାରୀ, ସୁରେଶ୍ୱର ମିଶ୍ର, ମିର ଅବଦୁଲ ମାଜିଦ୍, ପ୍ରକାଶ ହରପାଲ, ପି. ରମେଶ ପାତ୍ର ଓ ଦତାତ୍ରେୟ ବେହେରା ରହିଥିବା ବେଳେ କୋଷାଧକ୍ଷ ଭାବରେ ସଂଜୟ କୁମାର ପରିଡ଼ା ରହିଛନ୍ତି। ସେହିପରି ସାଧାରଣ ସଂପାଦକ ଭାବରେ ମନୋଜ କୁମାର ନାୟକ, ଅର୍ଜ୍ଜୁନ ଚନ୍ଦ୍ର ବେହେରା, ହରିଶ ଚନ୍ଦ୍ର ମୁଦୁଲି, ସ୍ମୃତି ରଞ୍ଜନ ପତି, ସୁରଜିତ୍ ଦାସ, ବିସ୍ମୟ ଦାସ, ଧ୍ରୁବ ଚନ୍ଦ୍ର ଜେନା, ସତ୍ୟଜିତ ପ୍ରଧାନ, ବିଜୟ କୁମାର ମଲ୍ଲିକ, ମନୋଜ କୁମାର ବେହେରା, ଆଲୋକ କୁମାର ନନ୍ଦ ରହିଛନ୍ତି।

## ମନ୍ତ୍ରୀ ଦିବ୍ୟଶଙ୍କର କଳାହାଣ୍ଡିରେ ବୁଲିବା ରାଜ୍ୟବାସୀଙ୍କୁ ଚକିତ କରିଛି: ଲେଖାଶ୍ରୀ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଦୁଃଖରେ ଭାଙ୍ଗିପଡି ପୀଡ଼ିତାର ମାଆ ଅସୁସ୍ଥ ହୋଇ ହସ୍ପିଟାଲରେ ଥିବା ବେଳେ ସେହି ଦିନ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କଳାହାଣ୍ଡିର ଜିଲ୍ଲାପାଳ ଏବଂ ଏସପିଙ୍କ ସହ ବୁଲିବା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର। ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ ଘଟଣାର ଘଟିବାର ଦିନ ଠାରୁ ପୋଲିସ ପ୍ରଶାସନ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶରେ କାମ କରୁଥିବା ବେଳେ ଆଜି ତାଙ୍କ ସହ ଜିଲ୍ଲାପାଳ ଓ ଏସପି ବୁଲିବା ତଦନ୍ତ ଉପରେ ହେଉଥିବା ଅଭିଯୋଗର ସତ୍ୟସତ୍ୟକୁ ସ୍ପଷ୍ଟ କରିଛି। ଘଟଣାକୁ ଚାପି ଦେବା ତଥା ପ୍ରମାଣକୁ ନଷ୍ଟ କରିବା ନିମନ୍ତେ ପ୍ରଚେଷ୍ଟା କରୁଥିବା ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଉପରେ ଥିବା ସନ୍ଦେହ ଅଧିକ ଘନୀଭୂତ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ ଅପରାଧିଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ସୁରକ୍ଷା ଦେଉଅଛି ଯାହା ଚିନ୍ତାଜନକ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

### ମମିତା ମେହେର ହତ୍ୟା ପ୍ରସଙ୍ଗ

# ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ପଦ ତ୍ୟାଗ କରି ତଦନ୍ତକୁ ସାମ୍ନା କରନ୍ତୁ ଦିବ୍ୟଶଂକର : ବନଥୀ ଶ୍ରୀନିବାସନ

ଭୁବନେଶ୍ୱର,୩୧/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ସନସାଇନ ସ୍କୁଲର ଅଧକ୍ଷ ହୋଇଥିବା ୨୪ ବର୍ଷୀୟା ମମିତା ମେହେରଙ୍କୁ ଷଡଯନ୍ତ୍ର କରି ଅତ୍ୟନ୍ତ ଜଘନ୍ୟ ଭାବେ ହତ୍ୟା କରାଯାଇଛି । ବିଭିନ୍ନ ପ୍ରସଙ୍ଗରେ ମନ୍ତ୍ରୀ ଦିବ୍ୟଶଂକରଙ୍କ ସଂପୃକ୍ତି ପ୍ରମାଣିତ ହେଉଛି । ଦିବ୍ୟଶଂକର ମିଶ୍ର ଗୃହ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦରେ ରହିଲେ ମମିତା ହତ୍ୟାକାଣ୍ଡର ସଂପୂର୍ଣ୍ଣ ନିରପେକ୍ଷ ତଦନ୍ତ ଅସମ୍ଭବ । ମାଁ ମାଣିକେଶ୍ୱରୀ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଁ ନେଇ ନୈତିକତା ଦୃଷ୍ଟିରୁ ଦିବ୍ୟଶଂକର ନିଜ ମନ୍ତ୍ରୀ ପଦ ତ୍ୟାଗ କରି ତଦନ୍ତକୁ ସାମ୍ନା କରିବା ଉଚିତ୍ । ନଚେତ୍ ଏଭଳି ଜଘନ୍ୟ ଅପରାଧର ମୁଖ୍ୟ ଷଡଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବହିଷ୍କାର କରିବାକୁ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଶ୍ରୀମତୀ ବନଥୀ ଶ୍ରୀନିବାସନ ଦାବୀ କରିଛନ୍ତି । ମୃତ ଶିକ୍ଷୟିତ୍ରୀ ମମିତାଙ୍କ ପରିବାରବର୍ଗ ବର୍ତ୍ତମାନ ଦୁଃଖରେ ଭାଙ୍ଗି ପଡିବା ସହିତ ଭୟରେ ଦିନ ଅତିବାହିତ ଅଛନ୍ତି । ଏପରିକି ଗଣମାଧ୍ୟମ ଓ ସାଧାରଣ ଲୋକଙ୍କୁ ଭେଟିବାକୁ ଭୟ କରୁଛନ୍ତି । ନ୍ୟାୟ ଆଶାରେ ଥିବା ମୃତ ମମିତାଙ୍କ ପରିବାରକୁ ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରେ କୌଣସି ଆର୍ଥିକ ସହାୟତା ମିଳି ନାହିଁ । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମୃତ ମମିତାଙ୍କ ପରିବାରକୁ ସମସ୍ତ ପ୍ରକାରର ସ୍ୱାସ୍ଥ୍ୟଭିତିକ ସୁବିଧା ସୁଯୋଗ, ଆର୍ଥିକ ସହାୟତା ସମେତ ସୁରକ୍ଷା ଯୋଗାଇ ଦେବା ନିହାତି ଆବଶ୍ୟକ । ଓଡିଶା ସମେତ ଦେଶର ୨୪ ଟି ରାଜ୍ୟରେ ଏଭଳି ଘଟଣାରେ Victim Compensation Fund ରୁ ଅନୁକଂପା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲେ ମଧ ମମିତାଙ୍କ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯାଇନାହିଁ । ସେହିପରି Witness Protection Scheme ଆଧାରରେ ଏହି ଘଟଣାର ସମସ୍ତ ସାକ୍ଷୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବାକୁ ପ୍ରତିନିଧି ଦଳର ସଦସ୍ୟା ବିଧାୟିକା ଶ୍ରୀରୁପା ମିତ୍ର ଚୌଧୁରୀ ଦାବୀ କରିଛନ୍ତି । ଏନସିଆରବି-୨୦୨୦ ରିପୋର୍ଟ ଅନୁସାରେ ମହିଳା ହିଂସାରେ ଓଡିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଥିବାବେଳେ ଦଣ୍ଡବିଧାନ ହାର ମାତ୍ର ୯.୨୦ ପ୍ରତିଶତ, ଯାହାକି ଅତ୍ୟନ୍ତ ନଗଣ୍ୟ ଏବଂ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଉଛି । ଏହି କାରଣରୁ ଅପରାଧୀମାନେ ନିର୍ଭୟରେ ଅପରାଧ ଭିଆଇ ଚାଲୁଛନ୍ତି । ବିଶେଷ ଭାବେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ସଂପୃକ୍ତି ଏଭଳି ଘଟଣାକୁ ଅଧିକ ପ୍ରୋତ୍ସାହିତ କରୁଛି । ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟା ଶ୍ରୀମତୀ ସୁନୀତା ଦୁଗଲ କହିଛନ୍ତି । ଏଭଳି ନାରକୀୟ ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବା ସହ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ବିଜେପି କେନ୍ଦ୍ରୀୟ ପ୍ରତିନିଧି ଦଳ ଦାବୀ କରିଛନ୍ତି । ଗତ କାଲି ମମିତାଙ୍କ ପରିବାରକୁ ସାକ୍ଷାତ କରି ଏବଂ ଘଟଣାସ୍ଥଳକୁ ଯାଇ ବିସ୍ତୃତ ଭାବେ ଅନୁଧ୍ୟାନ କରିଥିଲେ ପ୍ରତିନିଧି ଦଳ । ଏଥି ସହ ଏହି ଘଟଣାକୁ ନେଇ ବଲାଙ୍ଗୀର, କଳାହାଣ୍ଡି ତଥା ଓଡିଶାବାସୀଙ୍କ ଭାବାବେଗ ସଂପର୍କରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କୁ ଅବଗତ କରାଯାଇ ସଂପୂର୍ଣ୍ଣ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିନିଧି ଦଳର ସଦସ୍ୟାମାନେ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ମହିଳା ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଆରତୀ ସିଂହ, ସାଂସଦ ଅପରାଜିତା ଷଡଙ୍ଗୀ, ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ ।

# ସୈନିକ ସ୍କୁଲ୍ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ତାରିଖ ଘୁଂଚିଲା

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଅଲ୍ ଇଣ୍ଡିଆ ସୈନିକ ସ୍କୁଲ୍ ପ୍ରବେଶିକା ପରୀକ୍ଷା (ଏଆଇଏସଏସଇଇ) ୨୦୨୨ ପାଇଁ ଅନଲାଇନ୍ ଆବେଦନ ଫର୍ମ ଦାଖଲ କରିବାର ଶେଷ ତାରିଖ ୦୫ ନଭେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଦାଖଲ ହୋଇଥିବା ଆବେଦନ ଫର୍ମ ସଂଶୋଧନ ପାଇଁ ସଂଶୋଧନ ୱିଣ୍ଡୋ ୦୭ ନଭେମ୍ବର ୨୦୨୧ ରୁ ୧୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ଏନଟିଏ ୱେବସାଇଟରେ ଉପଲବ୍ଧ ହେବ । ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରିନ୍ସପାଲ ଗ୍ରୁପ୍ କ୍ୟାପଟେନ୍ ଏସ୍ ଡୋମିନିକ୍ ରୟାନ୍ ଏହି ସୂଚନା ଦେଇଛନ୍ତି । ୨୬ ଅକ୍ଟୋବର ୨୦୨୧ ସୁଦ୍ଧା ସୈନିକ ସ୍କୁଲ ଭୁବନେଶ୍ୱରରେ ଆଡମିଶନ ପାଇଁ ପ୍ରାୟ ୧୬୦୦ ପ୍ରାର୍ଥୀ ଏଆଇଏସଏସଇଇ-୨୦୨୨ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି। ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ଛାତ୍ରମାନଙ୍କ ପାଇଁ ୮୦ ଟି ସ୍ଥାନ ଏବଂ ଛାତ୍ରୀମାନଙ୍କ ପାଇଁ ୧୦ ଟି ସ୍ଥାନ ଖାଲି ଅଛି । ୦୧ ଏପ୍ରିଲ ୨୦୧୦ ରୁ ୩୧ ମାର୍ଚ୍ଚ ୨୦୧୨ (ଉଭୟ ଦିନ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମ ହୋଇଥିବା ଛାତ୍ର-ଛାତ୍ରୀମାନେ ପରୀକ୍ଷା ପାଇଁ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି । ଏନଟିଏ ଦ୍ୱାରା ଜାରି କରାଯାଇଥିବା ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ତାରିଖରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । କାର୍ଯ୍ୟସୂଚୀ ଅନୁଯାୟୀ ଏହା ୦୯ ଜାନୁଆରୀ ୨୦୨୨ ରେ ଅନୁଷ୍ଠିତ ହେବ ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଯୁବ କଂଗ୍ରେସର ନବୀନ ନିବାସ ଘେରାଉ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଆଜି ନବୀନ ନିବାସ ଘେରାଉ କରିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବହୁ ବରିଷ୍ଠ କଂଗ୍ରେସ ନେତା ଓ ଶତାଧିକ ଯୁବ କଂଗ୍ରେସ କର୍ମୀ ମାଷ୍ଟର କ୍ୟାଂଟିନ ଛକରୁ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ନବୀନ ନିବାସ ଅଭିମୁଖେ ଯାଇଥିଲେ। ବାଟରେ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବାବେଳେ ଯୁବ କଂଗ୍ରେସ କର୍ମୀଙ୍କ ସହିତ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ଶତାଧିକ ଯୁବ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା। ଏ ସମ୍ପର୍କରେ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି ଯେ ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଫଳ ହୋଇଛନ୍ତି। ନିଜେ ଗୃହ ରାଷ୍ଟ୍ରମନ୍ତ୍ରୀ ଏହି ମାମଲାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଅଦ୍ୟାବଧି ତାଙ୍କୁ ବହିଷ୍କାର କରିନାହାନ୍ତି। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସହିତ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର ଘନିଷ୍ଠ ସମ୍ପର୍କ ରହିଛି। ତେଣୁ ମନ୍ତ୍ରୀଙ୍କ ପ୍ରରୋଚନାରେ ଅଭିଯୁକ୍ତକୁ ପୋଲିସ ପ୍ରଥମେ ଜାଣି ଶୁଣି ଖସାଇ ଦେଇଥିଲା। ସବୁ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବା ପରେ ଏବେ ଘଟଣାର ୨୧ ଦିନ ପରେ ମନ୍ତ୍ରୀ ଦିବ୍ୟଶଙ୍କର ମୁହଁ ଖୋଲୁଛନ୍ତି, ଯାହାର କୌଣସି ମାନେ ନାହିଁ ବୋଲି ଡ. ଲେଙ୍କା କହିଛନ୍ତି। ଯଦି ତୁରନ୍ତ ମନ୍ତ୍ରୀଙ୍କୁ ବହିଷ୍କାର କରି ଗିରଫ କରାନଯାଏ ତେବେ ମମିତାଙ୍କ ପରିବାର ପ୍ରତି ବିପଦ ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଯଦି ସରକାର ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି, ତେବେ ଭଉଣୀ ମମିତା ମେହେର ପରେ ଆଉ କେଉଁ ନିରୀହ ଜୀବନର ପାଳି ପଡ଼ିବ ଓ ସରକାର ଏମିତି ନୀରବ ଦ୍ରଷ୍ଟା ସାଜିବେ ତାହା ସ୍ପଷ୍ଟ କରନ୍ତୁ। ତୁରନ୍ତ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଗିରଫ କରାନଗଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ଜିଲ୍ଲା ଓ ପଂଚାୟତସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି। ଆଜି ନବୀନ ନିବାସ ଘେରାଉରେ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ବିଧାୟକ ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ସତ୍ୟାନନ୍ଦ ରାଉତ, ସୁନିତା ବାଗ, ମହମ୍ମଦ ଅଲିମ, ସତ୍ୟପ୍ରିୟ ସାମଲ, ଆର୍ଯ୍ୟବୀର ଲେଙ୍କା, ବିଶ୍ୱରଞ୍ଜନ ଦାସ, ଅମ୍ରିତା ଦାସ, ପ୍ରଶାନ୍ତ ମଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ମାଲକାନଗିରିର 'ବଣ୍ଡା' ଜନଜାତି

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଆସନ୍ତାକାଲି ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ମାଲକାନଗିରିର ବଣ୍ଡା ଜନଜାତିଙ୍କ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର(ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଉଚ୍ଚ ପର୍ବତଶୃଙ୍ଗରେ ବଣ୍ଡା ଜନଜାତିଙ୍କ ବସତି ଅଟେ। ଏହା ମାଲକାନଗିରିର ପୂର୍ବାଂଚଳ ଘାଟର କୋଡାଇକାମ୍ ବେରୁ ପର୍ବତମାଳାର ଅଂଶ ବିଶେଷ । ବଣ୍ଡା ଜନଜାତି କୃଷିଜୀବୀ ସଂପ୍ରଦାୟର ଅଟନ୍ତି। ସେମାନେ ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଗୁଜୁରାଣ ମେଂଟାନ୍ତି। ବଣ୍ଡା ଜନଜାତିଙ୍କର ଅନନ୍ୟ ବ୍ୟକ୍ତିଗତ ବୈଶିଷ୍ଟ୍ୟପୂର୍ଣ୍ଣ ଚେହେରା ସେମାନଙ୍କୁ ବିଶ୍ୱରେ ଅନ୍ୟମାନଙ୍କଠାରୁ ପୃଥକ କରିଥାଏ। ବଣ୍ଡା ଜନଜାତି ପୁରୁଷମାନେ ସରୁ ତଥା ଲମ୍ବା କପଡ଼ା ବ୍ୟବହାର କରିଥାନ୍ତି । ବଣ୍ଡା ଜନଜାତିର ମହିଳାମାନଙ୍କର ପୋଷାକପରିଚ୍ଛଦ ଏବଂ ବେଶଭୂଷା ଅସାଧାରଣ ଅଟେ। ସେମାନେ ଶରୀରର ଉପରଭାଗକୁ ମାଳି ଓ ପିତଳରେ ତିଆରି ଓଜନିଆ ମାଳି ଦ୍ୱାରା ଆଚ୍ଛାଦିତ କରିଥାନ୍ତି। ବଣ୍ଡା ଜନଜାତି ମହିଳାମାନେ ଯେଉଁ ସରୁ ତଥା କ୍ଷୁଦ୍ର କପଡ଼ା ବ୍ୟବହାର କରନ୍ତି, ତାହାକୁ 'ନାଡ଼ି' କୁହାଯାଏ। ବଣ୍ଡା ଜନଜାତିମାନେ ଛୋଟ ନଡ଼ାଛପର କୁଡ଼ିଆରେ ବସବାସ କରନ୍ତି । ବଣ୍ଡା ଜନଜାତିଙ୍କ ଗ୍ରାମ ସ୍ୱୟଂକ୍ରିୟ ଅଟେ। ଗ୍ରାମ ମୁଖ୍ୟ 'ନାଏକ', ଗ୍ରାମସଭାର ପରିଚାଳନା କରୁଥିବା 'ଚାଲାଣ' ଗ୍ରାମର ବାର୍ତାବାହକ 'ବାରିକ'ଙ୍କ ଦ୍ୱାରା ସାମାଜିକ ଶୃଙ୍ଖଳା ବଜାୟ ରହିଥାଏ । ବଣ୍ଡା ଜନଜାତିମାନେ ପ୍ରାୟତଃ ପ୍ରକୃତିର ବିଭିନ୍ନ ଉପାଦାନକୁ ପୂଜା କରିଥାନ୍ତି । ନୃତ୍ୟ ଓ ସଂଗୀତ ବଣ୍ଡା ଜନଜାତିଙ୍କର ଜୀବନର ମୁଖ୍ୟ ଅଂଶ ଅଟେ।

# ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନରେ ଅଣସଂରକ୍ଷିତ ଟିକେଟରେ ଯାତ୍ରାକୁ ଅନୁମତି

ଭୁବନେଶ୍ୱର,୩୧/୧୦ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ୦୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ଅଣସଂରକ୍ଷିତ କୋଚରେ ଅଣସଂରକ୍ଷିତ ଟିକେଟ୍ ଦ୍ୱାରା ଯାତ୍ରା ଉପଲବ୍ଧ କରାଇବାପାଇଁ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଛି । ନଭେମ୍ବର ମାସ ପହିଲା ଠାରୁ ପୂର୍ବ ତଟ ରେଳପଥ ଛଅ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ରେ ଥିବା ସମ୍ପୂର୍ଣ୍ଣ ସଂରକ୍ଷିତ କୋଚ ମାନଙ୍କ ମଧ୍ୟରୁ ପ୍ରତ୍ୟକ ତିନିଟି ଲେଖା କୋଚକୁ ଅଣସଂରକ୍ଷିତ କରାଯାଇଛି ଏବଂ ଏହା ସହିତ ଗାର୍ଡ ତଥା ଲଗେଜ ଭ୍ୟାନ କୋଚ ଗୁଡିକୁ ମଧ ଅଣସଂରକ୍ଷିତ ଯାତ୍ରା ପାଇଁ ଉପଲବ୍ଧ କରାଯାଇଅଛି । ଏହି ଟ୍ରେନ୍ ଗୁଡିକରେ ଅଣସଂରକ୍ଷିତ ମେଲ୍ / ଏକ୍ସପ୍ରେସ୍ ଭଡା ଆଦାୟ ହେବ । ଏହି ଟ୍ରେନ୍ ଗୁଡିକ ହେଲା - ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ବିଶେଷ ଟ୍ରେନ , ୦୮୫୬୯/୦୮୫୭୦ ଭୁବନେଶ୍ୱର-ବିଶାଖାପାଟନମ୍-ଭୁବନେଶ୍ୱର ଇଂଟର ସିଟି ବିଶେଷ ଟ୍ରେନ , ୦୮୪୧୭/୦୮୪୧୮ ପୁରୀ-ଗୁଣୁପୁର-ପୁରୀ ବିଶେଷ ଟ୍ରେନ , ୦୮୪୯୩/୦୮୪୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ବିଶେଷ ଟ୍ରେନ , ୦୮୫୦୭/୦୮୫୦୮ ବିଶାଖାପାଟନମ୍-ରାୟାଗଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ଓ ୦୮୪୩୩/୦୮୪୩୪ ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ବିଶେଷ ଟ୍ରେନ ଉପରୋକ୍ତ ଟ୍ରେନ ଗୁଡିକ ସହିତ, ତିନି ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ କୁ ସଂପୂର୍ଣ୍ଣ ଅଣସଂରକ୍ଷିତ ଟ୍ରେନ୍ ଭାବରେ ନଭେମ୍ବର ମାସ ପହିଲା ଠାରୁ ଚଳାଚଳ କରାଇବାକୁ ମଧ ନିଷ୍ପତି ନିଆଯାଇଛି। ଏହି ଟ୍ରେନ୍ ଗୁଡିକ ହେଲା ୦୮୫୩୧/୦୮୫୩୨ ବିଶାଖାପାଟନମ୍-ପଲାସା-ବିଶାଖାପାଟନମ୍ ବିଶେଷ ଟ୍ରେନ ,୦୮୪୧୪/୦୮୪୧୩ ପୁରୀ-ପାରାଦୀପ-ପୁରୀ ବିଶେଷ ଟ୍ରେନ ଓ ୦୩. ୦୮୪୨୩/୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ।

# ଷଷ୍ଠ ଗୁରୁ ଦେବ ପ୍ରସାଦ ନୃତ୍ୟ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତ ଦେବପ୍ରସାଦ ଦାସଙ୍କ ୮୯ତମ ଜନ୍ମଦିନ ଅବସରରେ ଗୁରୁ ଦେବ ପ୍ରସାଦ ଦାସ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଷଷ୍ଠ ଗୁରୁ ଦେବ ପ୍ରସାଦ ଦାସ ନୃତ୍ୟ ଉତ୍ସବ ଗତ ୨୮ ତାରିଖ ସନ୍ଧ୍ୟାରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପ୍ରତିଷ୍ଠାତା ସମ୍ପାଦିକା ବିପଂଚି ଦାସଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ସମ୍ମାନିତ ଅତିଥି ଭାବରେ ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍‌ର ଡିଜିଏମ୍ ସୁଧୀର ରଂଜନ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁସଚିବ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦାନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଉପସଭାନେତ୍ରୀ ଶ୍ରୀମତୀ ନମ୍ରତା ଚଢ଼ା ସ୍ୱାଗତ ଭାଷଣ ଦେଇଥିଲାବେଳେ ଏହି କାର୍ଯ୍ୟକ୍ରମରେ ଗୁରୁ ଦେବ ପ୍ରସାଦ ଦାସ ସମ୍ମାନରେ ଗୁରୁ ରାମହରି ଦାସ, ଗୁରୁ ଶ୍ରୀମତୀ ସଂଗୀତା ଗୋସାଇଁ, ଗୁରୁ ସିକତା ଦାସ, ଗୁରୁ ଅଜୟ କୁମାର ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଯୁବ ପ୍ରତିଭା ସମ୍ମାନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁରଜ କୁମାର ସାହୁ, ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଇ ସୁରିୟା, ନବପ୍ରତିଭା ସମ୍ମାନରେ ପଦ୍ମଜା ପ୍ରିୟମ୍ବଦା, ଚିନ୍ମୟ କୁମାର ଦାସ, ମୀରାବାଳା ସାମନ୍ତରାୟ, ଅନିଶା ଅଭିଶିପ୍ତା ରାଉତ ଓ ସ୍ମୃତିଶ୍ରୀ ସ୍ୱାଇଁଙ୍କୁ ମାନପତ୍ର, ଉତରୀୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବପ୍ରସାଦ ଫାଉଣ୍ଡେସନ୍‌ର ଛାତ୍ରୀମାନଙ୍କ ତରଫରୁ ବିପଂଚି ଦାସଙ୍କ ନୃତ୍ୟ ସଂଯୋଜନାରେ ଶାରଳା ବନ୍ଦନା, ଅନୁସୂୟା, ଜ୍ୟୋର୍ତିମୟୀ ଓ ଅଙ୍କିତା ପରିବେଷଣ କରିଥିଲେ।

# ରୋଟାରୀ ଆନ୍ତର୍ଜାତୀୟ ସଭାପତି ଶେଖର ମେହେଟ୍ଟାଙ୍କ ଓଡ଼ିଶାଗସ୍ତ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ରୋଟାରୀ ଆନ୍ତର୍ଜାତୀୟ ସଭାପତି ଶେଖର ମେହେଟ୍ଟା ଦୁଇଦିନିଆ ଓଡ଼ିଶାଗସ୍ତରେ ଆସି ଭୁବନେଶ୍ୱର ପହଂଚିଛନ୍ତି। ଗସ୍ତ ଅବସରରେ ସଭାପତି ଶ୍ରୀ ମେହେଟ୍ଟା ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ଦ୍ୱାରା ବିକଶିତ କଂଟିଲୋ-ତିରଣପଦା ଉପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ସାମୂହିକ ହାତଧୁଆ ପ୍ରକଳ୍ପ, ଶୌଚାଳୟ, ଗ୍ରନ୍ଥାଗାର, ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ବେଂଚ ଓ ଟେବୁଲ ସମେତ ସମୁଦାୟ ପାଂଚ ଲକ୍ଷ ଟଙ୍କା ବିନିମୟରେ ରୋଟାରୀ ପକ୍ଷରୁ ବିଦ୍ୟାଳୟ କାୟାକଳ୍ପ ପରିବର୍ତ୍ତନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବୈଠକରେ ଯୋଗଦେଇ ଆନ୍ତର୍ଜାତୀୟ ସଭାପତି ଶ୍ରୀ ମେହେଟ୍ଟା ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ କି ଚଳିତବର୍ଷ ରୋଟାରୀ ଓଡ଼ିଶାରେ ଅତି କମ୍‌ରେ ଏକ ହଜାର ବିଦ୍ୟାଳୟକୁ ଖୁସି ବିଦ୍ୟାଳୟ ପ୍ରକଳ୍ପ ଅନ୍ତର୍ଗତ ଗ୍ରହଣ କରି ଏହାର ପାରିପାର୍ଶ୍ୱିକ ବିକାଶ କରିବା। ବୈଠକରେ ରୋଟାରୀ ପ୍ରାନ୍ତପାଳ ଶାନ୍ତନୁ ପାଣି ଯୋଗଦେଇ, ଚଳିତ ବର୍ଷ ରୋଟାରୀ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି କହିଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବରେ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଓଝା, ରୟାଲ କ୍ଲବ ସଭାପତି ଅଜୟ କୁମାର ପଟ୍ଟନାୟକ, ସମ୍ପାଦକ ପ୍ରତାପ ଚୌଧୁରୀ, ରୋଟାରୀ ମିଡ଼ିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କର, ପ୍ରଧାନ ଶିକ୍ଷକ ଶିବ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ରୋଟାରୀର ସାମାଜିକ ସଂକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରୋଟାରୀ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ ପାଇଁ କ୍ଲବ ସଭାପତି ଅଜୟ କୁମାର ପଟ୍ଟନାୟକ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ବିଭୂତି ଭୂଷଣ କର, ପିପି ପ୍ରଦୀପ କୁମାର ଦାସ, ପରବର୍ତ୍ତୀ ସଭାପତି ସଞ୍ଜୀବ କୁମାର ଜେନା, ପ୍ରଧାନ ଶିକ୍ଷକ ଶିବନାରାୟଣ ବେହେରା, ଦୀପକ ସେହଗାଲ, ସମ୍ପାଦକ ପ୍ରତାପ କୁମାର ଚୌଧୁରୀ ପ୍ରମୁଖଙ୍କୁ ସଭାପତି ଶ୍ରୀ ମେହେଟ୍ଟା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶୁଭଶ୍ରୀ ଭଞ୍ଜ, ରୋଟାକ୍ଟର ସତ୍ୟବ୍ରତ କର ଓ ସୁଶ୍ରୀ ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଦ୍ୱିତୀୟ ଚରଣରେ ଶ୍ରୀ ମେହେଟ୍ଟା ରୋଟାରୀ ରୟାଲ ଦ୍ୱାରା ପରିଚାଳିତ ଚକ୍ଷୁ ଚିକିତ୍ସାଳୟରେ ଡ଼ାଇବେଟିସ୍ ରେଟିନାପାଥି କେନ୍ଦ୍ରର ଉଦ୍‌ଘାଟନ କରିବା ସହ ନିଶୁଳ୍କ ଅସ୍ତ୍ରୋପଚାର ହୋଇଥିବା ବୃଦ୍ଧବୃଦ୍ଧାଙ୍କୁ ଚଷମା ଓ ଔଷଧ କିଟ୍ ବଂଟନ କରିଥିଲେ।

# ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ




ଭୁବନେଶ୍ୱର,୩୧/୧୦(ନି.ପ୍ର): ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତରଫରୁ ଆଜି ପୂର୍ବାହ୍ନରେ ଗଣେଶ୍ୱରପୁର ଦଧିବାମନ ନଗରସ୍ଥ ଅଙ୍ଗନବାଡ଼ି ପରିସରରେ ୨୦୨୧ ଓଡ଼ିଶା ନାଗରିକ ସମ୍ମାନ ପ୍ରାପ୍ତ ଶିଳ୍ପୀ କେଶୁଦାସ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ସମ୍ମେଳନର ବେଷ୍ଟ ପୋଷ୍ଟର ପୁରସ୍କାର ପ୍ରାପ୍ତ ଯୁବ ଗବେଷକ ରାମଚନ୍ଦ୍ର ମାଝି ପ୍ରତିଭା ଦ୍ୱୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଚନ୍ଦ୍ରଭାଗାର ମୁଖ୍ୟ ବିଶିଷ୍ଟ କବି ଶ୍ରୀଦେବ ଯୋଗଦେଇ ପରିଷଦ ତରଫରୁ ଆୟୋଜିତ ପୂଜ୍ୟପୂଜା ପରମ୍ପରାକୁ ପ୍ରଶଂସା କରିବା ସହ ଦୁଇ ପ୍ରତିଭା ଆଗାମୀ ଦିନରେ ବାଲେଶ୍ୱରକୁ ଗୌରବାନ୍ୱିତ କରିବ ବୋଲି ବ୍ୟକ୍ତବରେ କହିଥିଲେ । ସମ୍ବର୍ଦ୍ଧନା ସଭାକୁ ସଭାପତିତ୍ୱ କରି ଅବସରପ୍ରାପ୍ତ ପୋଲିସ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରତିଭା ପୂଜା ଦ୍ୱାରା ପୂଜିତ ପ୍ରତିଭାକୁ ଉଚିତ ସମ୍ମାନ ଦେବା ସହ ନବ ପ୍ରତିଭା ଉତ୍ସାହିତ ହେବେ । ପରିଷଦର କାର୍ଯ୍ୟକାରୀ ସଦସ୍ୟ କମଳ ବିହାରୀ ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ପ୍ରାକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବାଲେଶ୍ୱରର ଜଣେ ଯୁବ ଚିତ୍ରଶିଳ୍ପୀ ଦୀନକୃଷ୍ଣ ଧଳ ଶିଳ୍ପୀ କେଶୁଦାସଙ୍କ ପେନସନରେ ଅଙ୍କିତ ଏକ ପ୍ରତିଛବି ବା ପୋଟର୍ଟ୍ରେଟ ପ୍ରଦାନ କରିଥିଲେ । ଅଜୟ ମଇକାପ, ବୈକୁଣ୍ଠ ସାହୁ, ନିଶାକର ନାୟକ, ଉମାକାନ୍ତ ବେହେରା, ପ୍ରଦୀପ୍ତ ଦାସ, ଜୟକୃଷ୍ଣ ସାହୁ, ଭବେଶ ପରମାଣିକ, ସୁକାନ୍ତି ସାହୁ, ଅଜୟ ପରିଡା , ଶମ୍ଭୁନାଥ ଗିରି, କୃଷ୍ଣବନ୍ଧୁ ମିଶ୍ର, ବାବୁଲି ମହାପାତ୍ର, ପିଣ୍ଟୁ ପ୍ରଧାନ, ଅମୂଲ୍ୟ ସାହୁ, ଚୈତନ୍ୟ ପଡିହାରୀ, କବିତା ଦେ ପ୍ରମୁଖ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ରତିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ‘ଯୁଗପୁରୁଷ ମନୋଜ ଦାସ’ ଉନ୍ମୋଚିତ



ଭୁବନେଶ୍ୱର,୩୧/୧୦(ନି.ପ୍ର): ବିଶ୍ୱ ସାହିତ୍ୟରେ ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ବିପ୍ଳବର ବାର୍ତ୍ତାବହ ହେଉଛନ୍ତି ପଦ୍ମଭୂଷଣ ମନୋଜ ଦାସ। ତାଙ୍କ ସାହିତ୍ୟ କେବଳ ମହାଯୋଗୀ ଅରବିନ୍ଦଙ୍କ ଦର୍ଶନ କଥା କହେନାହିଁ, ପରନ୍ତୁ ଭାରତୀୟ ତଥା ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଶାର ସୂତ୍ରପାତ କରିଛି ବୋଲି ‘ଯୁଗପୁରୁଷ ମନୋଜ ଦାସ’ ପୁସ୍ତକକୁ ଲୋକାର୍ପଣ କରି ମନ୍ତବ୍ୟ ପ୍ରକାଶ କରିଛନ୍ତି ପ୍ରଖ୍ୟାତ ସାହିତ୍ୟିକ କବି ରମାକାନ୍ତ ରଥ। ରାଜଧାନୀର ହନୁମାନବାଟିକାଠାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଓ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀ କହିଛନ୍ତି ମନୋଜ ଦାସଙ୍କ ସାହିତ୍ୟରେ ସୃଜନଶୀଳତା, ଆଧ୍ୟାତ୍ମିକ ଚେତନା ଓ ଦାର୍ଶନିକ ଭାବନା ତାଙ୍କୁ ବିଶ୍ୱସ୍ତରୀୟ ସାହିତ୍ୟିକ ଭାବରେ ପରିଚିତ କରାଇଛି। ଭାରତୀୟ ଉପ ମହାଦେଶରେ ‘ସାହିତ୍ୟରେ’ ସେ ଯେଉଁ ଆଧ୍ୟାତ୍ମିକ ଦର୍ଶନର ଉପଯୋଗ କରିଛନ୍ତି ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସାହିତ୍ୟିକ ଓ ବିଶିଷ୍ଟ ନାଟ୍ୟକାର ଡ. ନାରାୟଣ ସାହୁ ଏହି ଉତ୍ସବରେ ଯୋଗଦେଇ ମନୋଜ ଦାସଙ୍କ କଳାକଳ୍ପନାର ଭୂୟଶ୍ରୀ ପ୍ରଶଂସା କରିବା ସହିତ ମନୋଜଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ ‘ମନୋଜ ସାହିତ୍ୟ’ର ଗଭୀରତା ଓ ଅନ୍ତର୍ନିହିତ ବିଭୁଚେତନା ଉପରେ ଆଲୋଚନା କରିଥିଲେ। ପ୍ରକାଶକ ‘ସତ୍ୟ ନାରାୟଣ ବୁକ୍‌ଷ୍ଟୋର’ର ପ୍ରତିଷ୍ଠାତା ସତ୍ୟନାରାୟଣ ଚୌଧୁରୀ ଧନ୍ୟବାଦ ଦେବା ସହିତ ପୁସ୍ତକର ସୁଲଭ ତଥା ପାଠକ ସଂସ୍କରଣର ଉଦ୍ଦେଶ୍ୟ ସଂପର୍କରେ ପ୍ରକାଶ କରିଥିଲେ।

## ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣା ରେ ବିଜେପି ଦଳ ପକ୍ଷରୁ ଥାନା ଘେରାଉ

ନୀଳଗିରି,୩୧/୧୦ (ନି.ପ୍ର): କଳାହାଣ୍ଡି ସନସାଇନ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଅମାନୁଷିକ ଭାବେ ହତ୍ୟା ଘଟଣା ଥମିବାର ନାଁ ନେଉ ନାହିଁ। ଏହି ଘଟଣାରେ ଗୋବିନ୍ଦ ସାହୁ ଗିରଫ ହୋଇଛନ୍ତି । କିନ୍ତୁ ଏହି ଘଟଣାରେ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବଶ୍ୟଙ୍କର ମିଶ୍ର ଙ୍କ ସଂପୃକ୍ତି ଅଭିଯୋଗ ହୋଇଛି । ଉକ୍ତ ପରିବାରକୁ ନ୍ୟାୟ ଦାବୀରେ ଓ ନିରପେକ୍ଷ ତଦନ୍ତ ପାଇଁ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା, ସି.ବି.ଆଇ. ତଦନ୍ତ ଦାବୀରେ ନୀଳଗିରି ବିଜେପି ପକ୍ଷରୁ ରବିବାର ନୀଳଗିରି ଥାନା ଘେରାଉ କରାଯାଇଥିଲା । ଉକ୍ତ ଘେରାଉରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଶହଶହ କର୍ମୀ ଏକଜୁଟ ହୋଇଥିଲେ। ପରେ ନୀଳଗିରି ଏସ.ଡି.ପି.ଓ. ରୀତେଶ ମହାପାତ୍ର ଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା କରୁଣାକର ପଣ୍ଡା, ସମରଶଙ୍କର କାନୁନ ଗୋ, ପ୍ରଫୁଲ୍ଲ ଦଳେଇ, ରାଧାଗୋବିନ୍ଦ ଖଟୁଆ, ତାପସ ମହାନ୍ତି, ଚନ୍ଦବିନ୍ଦୁ ଦାସ, ଅଶୋକ ନାୟକ, ଦେବାଶିଷ ଆଚାର୍ଯ୍ୟ, ରାକେଶ ମହଲ, ବୁଦ୍ଧଦେବ ସରକାର, ରୀତା ଦାସ, ରାମକୃଷ୍ଣ ମହାପାତ୍ର, ସୁବାଶିଷ ଆଚାର୍ଯ୍ୟ ଜୟନ୍ତ ନନ୍ଦ, ରାଜୀବ ଦାସବାବୁ ଙ୍କ ସମେତ ୨୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆସୁଛି ପଞ୍ଚାୟତ ନିର୍ବାଚନ....

ସାମିଲ ହେବେ । ଅବିଭକ୍ତ କୋରାପୁଟ ଜିଲ୍ଲାର କଂଗ୍ରେସ କର୍ମୀ ଓ ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିବ କଂଗ୍ରେସ । ଆଗକୁ ଦଳର ରଣନୀତି କଣ ହେବ, ସେନେଇ ଏହି ସଭାରେ ସ୍ପଷ୍ଟ କରିବେ କଂଗ୍ରେସର ତୁଙ୍ଗ ନେତା । ସେପଟେ, ଜୟପୁର ଏୟାରଷ୍ଟ୍ରିପରେ ଆଦିବାସୀଙ୍କ ସହ ନାଚିଲେ ଚେଲା କୁମାର । ନବରଙ୍ଗପୁର ଗସ୍ତରେ ଥିବା ରାଜ୍ୟ ପ୍ରଭାରୀ ଚେଲା କୁମାର, ଜୟପୁର ବିଧାୟକଙ୍କ ସହ ମିଶି ଆଦିବାସୀଙ୍କ ପାଦରେ ପାଦ ମିଶାଇ ନାଚିଛନ୍ତି । ନବରଙ୍ଗପୁରରେ କଂଗ୍ରେସ ତାର ଶକ୍ତି ପ୍ରଦର୍ଶନ କରୁଥିବାବେଳେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପହଂଚିଥିଲେ ରାଜ୍ୟ ପ୍ରଭାରୀ ଚେଲା କୁମାର । ତାଙ୍କୁ ସ୍ୱାଗତ କରିବା ପାଇଁ ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ଢେମସା ନାଚ ପ୍ରଦର୍ଶନ କରାଯାଇଥିଲା । ଏତିକିବେଳେ ବିଧାୟକ ତାରା ବାହିନୀପତିଙ୍କ ସହ ଚେଲା କୁମାର ମଧ୍ୟ ଆଦିବାସୀଙ୍କ ସହ ପାଦ ମିଳାଇଥିଲେ ।

## ମୋଦିଙ୍କ ସରକାର ସମୟରେ....

ଇମାନଦାର ଚିନ୍ତନଶୀଳ ସରକାରର ଦମଦାର୍ କାମକୁ ଅନୁଭବ କରିଛନ୍ତି। ସେହିପରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉତରପ୍ରଦେଶରେ ଡ଼ିଏପ୍ ସାରର ଅଭାବ ନାହିଁ। ଏହି ପ୍ରସଙ୍ଗ ନେଇ ସେ କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ସହ ଆଲୋଚନା କରିଛନ୍ତି। ଏବେ ଦେଶରେ ଡ଼ିଏପ୍ ସାରର ଅଭାବ ନାହିଁ ଏବଂ ଉତରପ୍ରଦେଶରେ ମଧ୍ୟ ସାରର ଅଭାବ ହେବାକୁ ଦିଆଯିବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଦେଶରେ ଚାଷୀଙ୍କ ହିତ ଓ ଉନ୍ନତି ପାଇଁ ସମର୍ପିତ ଅଛି। ଚାଷ ପାଇଁ ଉତରପ୍ରଦେଶ ସମେତ ଦେଶର ପ୍ରତ୍ୟେକ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଡ଼ିଏପ ସାର ପହଁଚାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ଉତରପ୍ରଦେଶର ଆଗରା ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ‘ରାଷ୍ଟ୍ରୀୟ ଏକତା ଦିବସ’ରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦୃଢ ସଂକଳ୍ପ ଏବଂ ସଶକ୍ତ ଇଚ୍ଛାଶକ୍ତିର ପ୍ରତୀକ ଥିଲେ । ଅଖଣ୍ଡ ଭାରତ ଗଠନ ତଥା ଦେଶକୁ ସ୍ୱାଧୀନତା ଦେବାରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କୁ ଛାତ୍ର କଂଗ୍ରେସର....

ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ଏଥିରେ ୪ଜଣ ଚାଷୀ ମୃତ୍ୟୁବରଣ କରିଥିଲେ। କଂଗ୍ରେସ ଦଳ "ଜୟ ଜବାନ ଓ ଜୟ କିଷାନ" ନୀତିରେ ବିଶ୍ୱାସ କରେ। ଜଣେ ଚାଷୀର ମୃତ୍ୟୁରେ ଦେଶର ଅମାପ କ୍ଷତି ହୁଏ। ସୁତରାଂ ମନ୍ତ୍ରୀ ଅଜୟ ମିଶ୍ର ଏ ଦେଶର ଚାଷୀଙ୍କର ଶତ୍ରୁ। ଏହି ଚାଷୀ ହତ୍ୟାକାରୀ ମନ୍ତ୍ରୀଙ୍କୁ ଆମେ ଓଡ଼ିଶା ମାଟିରେ ପ୍ରତିବାଦ ଜଣାଉଛୁ ଏବଂ ତାଙ୍କର ବହିଷ୍କାର ଓ ଗିରଫ ଦାବି କରୁଛୁ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ନିହାର ବେହେରା, ସଂଙ୍କୁନା କହଁର, ବିକାଶ ପଶୁପାଳକ, ଦେବାଶିଷ ମହାନ୍ତି, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, କାର୍ତିକେଶ୍ୱର କାଣ୍ଡି, ଆଶୁତୋଷ ପ୍ରମୁଖ ବହୁ ଛାତ୍ର କଂଗ୍ରେସ କର୍ମକର୍ତା ଅଂଶଗ୍ରହଣ କରିଥିଲେ। ପୋଲିସ ଆନ୍ଦୋଳନ ରତ ଛାତ୍ର କଂଗ୍ରେସ କର୍ମକର୍ତାଙ୍କ ମଧ୍ୟରେ ୪୦ ଜଣଙ୍କୁ ଗିରଫ କରି ଅଟକ ରଖିଛି।

## ସ୍ପଷ୍ଟ ଦିବାଲୋକରେ ହତ୍ୟାକାଣ୍ଡ....

ଏକ ଫୋନ କଲ ପାଇ କୁରୁଡ଼ା ଆସିଥିଲେ। ପୂର୍ବରୁ ଅପେକ୍ଷା କରିଥିବା ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛାକରି କୁରୁଡ଼ାରେ ହତ୍ୟା କରିଥିବା ଆଡିସନାଲ ଏସପି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଫୋନ କଲ ଅଧାରକୁ ନେଇ ତଦନ୍ତ କରିବା ପରେ ଘଟଣାର କାରଣ ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବାଲେଶ୍ୱର ଷ୍ଟେସନରେ ଟ୍ରେନ ଟିକଟ କଟାକୁ କେନ୍ଦ୍ର କରି ପୂର୍ବରୁ ଚାଲିଥିବା ବିବାଦ ଯୋଗୁଁ ଏହି ହତ୍ୟାକାଣ୍ଡ ହୋଇଥିବା ଆଲୋଚନା ହେଉଛି। ତେବେ ତଦନ୍ତ ପରେ ସବୁକିଛି ଜଣାପଡ଼ିବ ବୋଲି ପଲିସ ସୂଚନା ଦେଇଛି।

# ଭାଙ୍ଗିଲା ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟର ପୁରୁଣା କୋଠା

ପୁରୀ,୩୧/୧୦ (ନି.ପ୍ର): ଆଜି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟର ପୁରୁଣା କୋଠାକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ରବିବାର ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ବନ୍ଦ ଥିବାବେଳେ ଉପ ଜିଲ୍ଲାପାଳ ଭବତାରଣ ସାହୁ ଓ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ଉପସ୍ଥିତରେ ଏହି ଅସୁରକ୍ଷିତ ପୁରୁଣା କୋଠାକୁ ଭଙ୍ଗାଯାଇଥିଲା। ପୂର୍ବରୁ ଏହାକୁ ପ୍ରଶାସନ ପକ୍ଷରୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା। କୋଠାରେ ଦୋକାନ କରିଥିବା ଲୋକଙ୍କୁ ପୂର୍ବରୁ ଘରଖାଲି କରିବାକୁ ନୋଟିସ ଦିଆଯାଇଥିଲା। ସେମାନେ ଘର ଖାଲି କରିଦେବା ପରେ ଆଜି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା।ଇତିମଧ୍ୟରେ ଶ୍ରୀମନ୍ଦିର ମେଘନାଦ ପାଚେରୀର ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣ କାର୍ଯ୍ୟକୁ ଉଚ୍ଛେଦ କରାଯାଇଛି। ଖୁବ୍‌ଶୀଘ୍ର ପରିକ୍ରମାମାର୍ଗ ସୌନ୍ଦର୍ଯ୍ୟକରଣ ଲାଗି ମୁଖ୍ୟମନ୍ତ୍ରୀ ଶୁଭଦେବାର କାର୍ଯ୍ୟକ୍ରମ ରହିଛି।

# ଦୀନକୃଷ୍ଣ ସାହିତ୍ୟ-ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ

## ଭକ୍ତକବି ଓଡିଆ ସାହିତ୍ୟ ଜଗତର ଉଜ୍ଜଳ ନକ୍ଷତ୍ର : ହେଉନି ଗବେଷଣା ମିଳୁନି ସମ୍ମାନ




ଜଳେଶ୍ୱର,୩୧/୧୦ (ନି.ପ୍ର): ରିତିଯୁଗର ମଧ୍ୟବର୍ତ୍ତିକାଳୀନ ଓଡିଆ ସାହିତ୍ୟ ରଚନାରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅନ୍ୟତ୍ର ବିରଳ । ଭକ୍ତକବି ସମଗ୍ର ଓଡିଆ ସାହିତ୍ୟ ଜଗତର ଉଜ୍ଜଳ ନକ୍ଷତ୍ର ହୋଇଥିଲେ ମଧ୍ୟ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ସେହିପରି ତାଙ୍କୁ ଜୀବଦ୍ଦଶାରେ ସମ୍ମାନ ମିଳିନଥିବାର ଆଜି ଦୀନକୃଷ୍ଣ ସାହିତ୍ୟ-ସଂସଦର ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି । ରାଇବଣିଆର କାଳୀକ ପଂଚାୟତସ୍ଥିତ ହାତୀଗଡ କଲ୍ୟାଣ ମଣ୍ଡପରେ ଆୟୋଜିତ ବାର୍ଷିକ ସଂସଦର ସଭାପତି ଇନ୍ଦୁମାଧବ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ରବିନ୍ଦ୍ର କୁମାର ବିହାରୀ ଯୋଗ ଦେଇ ଦୀନକୃଷ୍ଣ ଦୀନକୃଷ୍ଣ ଜନ୍ମ ସୁବର୍ଣ୍ଣରେଖା ନଦୀ ତୀର ମୁଣ୍ଡୁତୁଣିଆ ଗାଁରେ। ସେ ଏକ ଓ ଅଭିନ୍ନ, ଏହା ପ୍ରତିପାଦିତ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅଧିକ ଗବେଷଣା ହେଉନଥିବାରୁ ତାଙ୍କର ପ୍ରତିଛବି ଜନ୍ମବୃତାନ୍ତ ଏବେବି ରହସ୍ୟ ଘେରରେ । ଓଡିଆ ଜାତି ତାଙ୍କର ଉଚ୍ଚମାନର ଶବ୍ଦ ସଂଯୋଜନା ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ମୁଖ୍ୟବକ୍ତାଭାବେ ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ କହିଲେ ଦୀନକୃଷ୍ଣ ଦାସ ଓଡିଆ ସାହିତ୍ୟ ଜଗତର ଉଜ୍ଜଳ ନକ୍ଷତ୍ର। ତାଙ୍କ ରଚିତ ରସକଲ୍ଲୋଳ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ଓ ପୂଜିତ। ତାଙ୍କର ଶବ୍ଦ ବିନ୍ୟାସ ଛନ୍ଦ, ଅଳଙ୍କାର, ରସ ରଚନାରେ କବିସମ୍ରାଟଙ୍କଠାରୁ ନିନ୍ୟୁ ନୁହେଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସାହିତ୍ୟଏକାଡେମୀ ପୁରସ୍କାର ପ୍ରାପ୍ତ ଡ. ଶ୍ରୀକାନ୍ତ ଚରଣ ପାତ୍ର ବକ୍ତବ୍ୟ ରଖିଥିବା ବେଳେ ଅଭ୍ୟର୍ଥନା କମିଟି ସଭାପତି ମନ୍ମଥ ଖାଟୁଆ ଅଭିଭାଷଣ ରଖିଥିଲେ । ସଂସଦର ସଂପାଦକ ଅକ୍ଷୟ କୁମାର ମିଶ୍ର ସ୍ୱାଗତ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମନୋରଂଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଅଜିତ୍ ମହାନ୍ତି ମଂଚ ଆହ୍ୱାନ କରିଥିବା ବେଳେ ବଂଶୀଧର ବାରିକ କବିତା ମଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଇଂ ବ୍ରଜେନ୍ଦ୍ର ଘୋଷଙ୍କ ବ୍ୟାଧ କନ୍ୟା ଶ୍ରାବଣୀ ଓ ମୁଖପତ୍ର କଲ୍ଲୋଳ ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ନୀଳକଣ୍ଠ ଖଣ୍ଡା, ବିଜୟ କୁମାର ନନ୍ଦ, ସୁକୁମାର ପ୍ରଧାନ, ଗୌରାଙ୍ଗ ସାହୁ, ସୁଧାଂସୁ ପ୍ରଧାନ, ରମେଶ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ସୁର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ୨୧ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ବାଲୁକା ଶିଳ୍ପୀ ରାଇବଣିଆ ମାଟିର ପୁଅ ଅଜୟ ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ ଓ ସଂଗୀତ ଗାନ କରିଥିବା ବେଳେ ବସନ୍ତ ଦାସ, ଜଳଧର ଭଂଜ, ଭାସ୍କର ମିଶ୍ର, ସିତାଂଶୁ ସେନାପତି, ହରମୋହନ ମହନ୍ତ, ଇଂ ବ୍ରଜେନ୍ଦ୍ର ଘୋଷ, ସୁନୀଲ ନାୟକ, ଶୁଶାନ୍ତ ଦାସ, ଲଳିତ ଦାସ, ଭାଗବତ ଚନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ ।

# ଶିକ୍ଷାକର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର, ୩୧/୧୦(ନିପ୍ର): ଜଳେଶ୍ୱର ବ୍ଲକର ଶ୍ରୀରାମପୁର ପଂଚାୟତର ପେଣ୍ଡରାସାହି ଯତୀନ୍ଦ୍ର ଗଜେନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ଲେଖାପାଳ ନିମାଇଁଚରଣ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଂକର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଯୋଗ ଦେଇ ଶ୍ରୀ ଦାସଙ୍କ କର୍ମନିପୁଣତା, ସମାୟୁବର୍ତିତା ଓ ସଚ୍ଚୋଟ ପଣ ସଂପର୍କରେ ଭୂୟସୀ ପ୍ରସଂସା କରିଥିଲେ । ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଅମର ଆଚାର୍ଯ୍ୟ, ସମ୍ମାନୀତ ବକ୍ତଭାବେ ସିଆର୍‌ସି ଗୌରୀଶଂକର ପରିଡା ଯୋଗ ଦେଇ ଶ୍ରୀ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ପରିଚୟ ଦେବବ୍ରତ ଦାସ ଦେଇଥିବା ବେଳେ ଅମରେନ୍ଦ୍ର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସପନ କୁମାର ମିଶ୍ର, ବେଣୁଧରଗିରି, ମନୋରଂଜନ ଜେନା, ଶରତ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଅବହେଳିତ ଅବସ୍ଥାରେ ମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ର

ନୀଳଗିରି,୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କୁଅଁରପୁରଲାଖରାଜ ଗ୍ରା.ପ. ଅଧୀନ ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥାର କେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଛି। ସାମାନ୍ୟ ଅସୁସ୍ଥ ରୋଗୀ ଚିକିତ୍ସା ନ ପାଇ ହଇରାଣ ହରକତ ହେଉଛନ୍ତି । ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ୨୦୦୪ ମସିହାରେ ମିତ୍ରପୁର ଠାରେ ସ୍ଥାନୀୟ ଆବଶ୍ୟକତାକୁ ଉପଲକ୍ଷ କରି ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥା ନାମରେ ଏକ ଦାତବ୍ୟ ଚିକିତ୍ସା ସଂସ୍ଥା ସ୍ଥାନୀୟ କିଛି ଉଦ୍‌ଯୋଗୀଙ୍କ ସହାୟତାରେ ଖୋଲା ଯାଇଥିଲା । ଏହା ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ପଞ୍ଜିକୃତ ସ୍ୱାସ୍ଥ୍ୟା ସେବା ସଂସ୍ଥା । ଏହାକୁ ତତ୍‌କାଳୀନ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏଠାକୁ ୧୨କି.ମି. ଦୂରରେ ଅବସ୍ଥିତ କାଂଶ ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ସପ୍ତାହରେ ୨ଦିନ ଏଠାକାର ଡାକ୍ତରଖାନାରେ ରୋଗୀ ଦେଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ୩୦ଡିସିମିଲ ପରିମିତ ୧୦୦୦ବର୍ଗଫୁଟ ର ନିଜସ୍ୱ ପକ୍କା ଘରେ ଚାଲୁଅଛି । ଏହା ବ୍ୟତିତ ଡାକ୍ତରଖାନା ନାମରେ ଏ୧.୯୦ଡି. ନିଜସ୍ୱ ଜମି ଅଛି । ଡାକ୍ତର, ନର୍ସ ରହିବା ପାଇଁ ବାସଗୃହ ମଧ୍ୟ ତିଆରି ସରିଛି । ଡାକ୍ତରଖାନାରେ ଜଣେ ଫାର୍ମାସିଷ୍ଟ, ଜଣେ ଏ.ଏନ.ଏମ. , ଜଣେ ପିଅନ, ଜଣେ ସୁଇପର , ଜଣେ ଡ୍ରେସର ସ୍ଥାନୀୟ ଲୋକଙ୍କ ଆର୍ଥିକ ଅନୁଦାନରେ ଦରମା ନେଇ ୨୦୦୪ ମସିହାରୁ ଆଜି ପର୍ଯ୍ୟନ୍ତ କାମ କରିଆସୁଅଛନ୍ତି । ଏହି ଡାକ୍ତରଖାନା ଉପରେ ମିତ୍ରପୁର , ମହିଷାପଟା, ମଛୁଆ, ବେଗୁନିଆ, ରେମୁଣା, ନୂଆପାଢ଼ୀ, ଅଞ୍ଚଳର ଦୈନିକ ହାରାହାରି ୬୦/୭୦ ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି । ଏହି ଡାକ୍ତରଖାନାକୁ ସରକାରୀକରଣ କରିବା ପାଇଁ ଜିଲ୍ଲାପାଳ , ଉପଜିଲ୍ଲାପାଳ ସି.ଡି.ଏମ.ଓ. ବିଧାୟକ, ସାଂସଦ, ବାଲେଶ୍ୱର ବାରମ୍ବାର ସରକାରଙ୍କୁ ସୁପାରିଶ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ କରଣ ହୋଇ ପାରି ନାହିଁ । ଏଣୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯଥାଶୀଘ୍ର ସରକାରୀ ରଣ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ନିବେଦନ କରିଛନ୍ତି । ଯଦି ସରକାରୀକରଣ ଦିଗରେ ଫଳପ୍ରଦ ନ ହୁଏ, ତେବେ ଆଗାମୀ ତା.୦୫.୧୧.୨୦୨୧ରିଖରେ ଅଞ୍ଚଳବାସୀଙ୍କ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ପରିଷଦ ତରଫରୁ ମିତ୍ରପୁର ବଜାର, ହାଟ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ ରଖି ମୁଖ୍ୟରାସ୍ତାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ଭଗବାନପୁର ଅବସର ପଞ୍ଚାୟତ ସମ୍ପାଦକସଂଘ ପକ୍ଷରୁ ନୂତନ କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା




ବସ୍ତା,୩୧/୧୦ (ନି.ପ୍ର): ରୂପସା ନିକଟ ଆମ୍ବଗଡିଆ ଭଗବାନପୁର ଫାର୍ମ ହାଉସ ପରି ସର ରେ ଓଡିଶା ଅବସର ପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଂଘ ତରଫରୁ ସଂଘର ସଭାପତି ଓକାର୍ଯ୍ୟକାରୀ ସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସମାଜସେବୀ ତଥା ଭଗବାନପୁର ବିକାଶ ମଞ୍ଚର ପ୍ରାଣ ପ୍ରତିଷ୍ଠାତା ଭଗବାନ ମହାପାତ୍ର ପୌର ହିତ୍ୟକରିଥିଲେ । ଆବାହନି ସଂଗୀତ ପରିବେଷଣକରିଥିଲେ ଅବସରପ୍ରାପ୍ତ ଏ ବିଓ ଜୟନ୍ତ ପାଣିଗ୍ରାହୀ, ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ରାଜକିଶୋର ଦାସ ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକତଥା ଓଡିଶା ଅବସର ପଞ୍ଚାୟତର କାର୍ଯ୍ୟକାରି ସଭାପତି ଶ୍ୟାମାପ୍ରସାଦ ବେହେରା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ ଓ ୨ଟି, ଆମପରିବାର ଓ ଆମପଞ୍ଚାୟତ ପତ୍ରିକା ଲୋକାର୍ପଣ ହୋଇଥିଲା । ବାର୍ଷିକ ବିବରଣି ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ରପଠନକରିଥିବାବେଳେ ଆମ୍ବ ଗଡିଆ ବିକାଶ ମଞ୍ଚର ସଭାପତି ଅନ୍ତର୍ଯ୍ୟାମି ମହାପାତ୍ର ପରିଚାଳନା କରି ଥିଲେ । ଏହିଅବସରରେ ଆମପରିବାର ଆମପଞ୍ଚାୟତ ର ସମ୍ପାଦକ ଶାନ୍ତନୁ ପଟନାୟକ, ସମାଜସେବୀ ବିରାଜ ସିଂଦେଓ. ସ୍ଥାନିୟ ସରପଞ୍ଚ ସହଦେବ ସିଂ, ସମାଜସେବୀ ଜଗଦିଶ ପଟନାୟକ, ଯୋଗ ଦେଇଥିଲେ । ବସ୍ତା ବ୍ଲକ ରୁ ଗଡପଦା, ରାଉତପଡା, ସଦର ବ୍ଲକ ରୁ କସିପଦା, ରୂପସା, ଆଙ୍ଗୋ, ଆମ୍ବଗଡିଆଓ ପୁରୁଣିଆ ୭ଟି ପଞ୍ଚାୟତକୁ ନେଇ ୧୨ଟି ସଂଗଠନ ର ମୁଖ୍ୟ ସଂଯୋଜକ ଶ୍ରୀ ମହାପାତ୍ର ପ୍ରଚେଷ୍ଟାରେ ସମ୍ଭବ ହୋଇଛି ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ସେଥିମଧ୍ୟରୁ ରୂପସା ଆଞ୍ଚଳିକ ବିକାଶ ପରିଷଦ, ଆଞ୍ଚଳିକ ମାସିକ ସାହିତ୍ୟ ଆସର, ଆମପରିବାର, ପୁରାତନଛାତ୍ର ସଂସଦ ଭଳିଅନେକ ସେଚ୍ଛାସେବି ସଂଗଠନ ର ସଭାପତି ସମ୍ପାଦକ ଯୋଗଦେଇଥିଲେ । ଭଗବାନପୁର ଗାଁରବିଭିନ୍ନ ଦାବି ଗ୍ରାମବାସୀ କହିଥିବା ବେଳେ ସମସ୍ତ ସମସ୍ୟା ବିଷୟ ଓ ଅନୁଷ୍ଠାନ ର କର୍ମକର୍ତ୍ତା ବିଷୟ ରେ ସରକାରଙ୍କୁ ଅବଗତ କରିବେ ବୋଲି ବିଧାୟକ ଶ୍ରୀଦାସ ପ୍ରତିଶୃତି ଦେଇଥିଲେ ଶିକ୍ଷକବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଯଣାଇଥିଲେ । ସଭା ଟିକୁ ସରସ ସୁନ୍ଦର କରିଥିଲେ ଯୁବ ସମାଜ ସେବୀ ଅନ୍ତର୍ଯ୍ୟାମି ମହାପାତ୍ର ।

## ଗୋଟିଏ ଦିନରେ ୪୮୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୧/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୮୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୧୪୫୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୮ ହଜାର ୬୯୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୩୭୪ ରହିଛି । ଆଜି ଚିହ୍ନଟ ହୋଇଥିବା ୪୮୮ ଜଣଙ୍କ ମଧ୍ୟରୁ ୨୮୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୦୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୫୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରେ ୫, ଗଂଜାମ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଶ୍ରମିକ ସଙ୍ଗଠନ 'ଏଆଇଟିୟୁସି'ର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୩୧/୧୦ (ନି.ପ୍ର): ଶ୍ରମିକ ସଙ୍ଗଠନ 'ଏଆଇଟିୟୁସି' ୧୦୧ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲା କମିଟି ତରଫରୁ ରବିବାର ପାଳିତ ହୋଇଯାଇଛି। ଏଆଇଟିୟୁସିର ଲାଲ୍ ପତାକାକୁ ଜିଲା ସଭାପତି ଭାଗବତ ପ୍ରତିହାରୀ ଉତ୍ତୋଳନ କରିଥିଲେ। ପରେ ଉଠା ଜଳସେଚନ କର୍ମଚାରୀ ଭବନରେ ଆୟୋଜିତ ସଭାରେ ସେ ଅଧକ୍ଷତା କରିଥିଲେ। ସଙ୍ଗଠନର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ପ୍ରତିରକ୍ଷା କର୍ମଚାରୀ ନେତା ରବି ନାରାୟଣ ମିଶ୍ର, ଅଙ୍ଗନୱାଡ଼ି କର୍ମୀ-ସହାୟିକା ସଂଘର ସମ୍ପାଦିକା ଗୌରୀ ଦାସ, ଡାକ କର୍ମଚାରୀ ସଂଘ ନେତା ଅଜୟ ଦାସ, ରିକ୍ସା ଚାଳକ ସଂଘର ସମ୍ପାଦକ ସେଖ ସଲାଉଦ୍ଦିନ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ବିଦ୍ୟୁତ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଉଠା ଜଳସେଚନ କର୍ମଚାରୀ ସଂଘର ସହ ସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ଏଆଇଟିୟୁସିର ଉପଦେଷ୍ଟା ନିରଞ୍ଜନ ରାଉତ ଓ ସଂପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏହି ସଭାରେ ଯୋଗଦେଇ ସଙ୍ଗଠନର ଗୌରବମୟ ୧୦୦ବର୍ଷର ଇତିହାସ ଉପରେ ଆଲୋକପାତ କରିଥିଲେ। ଦେଶର ଶ୍ରମିକ, କୃଷକ ଓ ମେହନତି ମଣିଷଙ୍କ ସ୍ୱାର୍ଥ ବିରୋଧରେ କେନ୍ଦ୍ରସରକାର ବିଭିନ୍ନ କଳା ଆଇନ ପ୍ରଣୟନ କରିବା ସହ ଦରଦାମ୍ ବୃଦ୍ଧି, ନିଯୁକ୍ତି ହ୍ରାସ, ଶ୍ରମିକ ଛଟେଇ ଓ ଦେଶର ଗଣତନ୍ତ୍ରକୁ ହତ୍ୟା କରିବାକୁ ଯେଉଁ ଉଦ୍ୟମ ଚଳାଇଛନ୍ତି ବୋଲି ବକ୍ତାମାନେ ଆରୋପ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ଜନବିରୋଧି ନୀତି ବିରୋଧରେ ଶ୍ରମିକ ଶ୍ରେଣୀ ଏକ ହୋଇ ସଂଗ୍ରାମ ଜାରି ରଖିବାକୁ ସେମାନେ ଆହ୍ୱାନ ଦେଇଥିଲେ। 'ଦୁନିଆର ମଜଦୁର ଏକ ହୁଅ' ଆହ୍ୱାନ ସାକାର ହେଲେ ଶୋଷଣହୀନ ସମାଜ ପ୍ରତିଷ୍ଠା ସମ୍ଭବ ହୋଇପାରିବ ବୋଲି ସଭାପତି ଶ୍ରୀ ପ୍ରତିହାରୀ ମତପ୍ରକାଶ କରିଥିଲେ। ଯତୀନ୍ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମନ୍ମଥ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶଶିକାନ୍ତ ବେହେରା, ପୁରସ୍ତମ ବେହେରା, ସର୍ବେଶ୍ୱର ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭୁବନେଶ୍ୱରରୁ ଆଉ ୧୫୦ ପଜିଟିଭ୍

ଭୁବନେଶ୍ୱର,୩୧/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ରବିବାର ଦିନ ୧୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୧୦ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୨୬୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୮୩୬୬କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୪୫୧୬ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୨୭୭୪ ସକ୍ରିୟ ମାମଲା ରହିଛି।

## କେତେକ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ : ବାଲେଶ୍ୱର ଜିଲ୍ଲାରେ ପ୍ଲାଟଫର୍ମ ଟିକଟର ମୂଲ୍ୟ ୧୦ଟଙ୍କା ହେଲା

ଜଳେଶ୍ୱର, ୩୧/୧୦(ନିପ୍ର): କରୋନା ପ୍ରଭାବରେ ଟ୍ରେନ୍ ଚଳାଚଳ କଟକଣା ହେବା ସହିତ ଖଡଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ଓଡିଶାର କେତେକ ଷ୍ଟେସନରେ ପ୍ଲାଟଫର୍ମ ଟଠିକେଟର ମୂଲ୍ୟ ୨ଗୁଣା ହୋଇଥିଲା । ଫଳରେ ଲକ୍ଷ୍ମଣନାଥ ଠାରୁ ରାଣୀତାଲ, ରୂପ୍ସାଠାରୁ ବାଙ୍ଗିରିପୋଷୀ ଇତ୍ୟାଦି ଷ୍ଟେସନରେ ପ୍ଲାଟଫର୍ମ ଟିକଟର ମୂଲ୍ୟ ୨୦ ଟଙ୍କା ହୋଇଥିଲା । ଏ ସଂପର୍କରେ କେତେକ ଗଣମାଧ୍ୟମରେ ସବିଶେଷ ତଥ୍ୟ ପ୍ରକାଶ ପାଇଥିଲା । ପୂର୍ବତଟ ରେଳବାଇ, ଦକ୍ଷିଣପୂର୍ବ ରେଳବାଇର ଖଡଗପୁର ଡିଭିଜନ୍‌କୁ ବାଦ୍‌ଦେଲେ ଅନ୍ୟସ୍ଥାନରେ ପ୍ଲାଟଫର୍ମ ଟିକଟର ମୂଲ୍ୟ ୧୦ଟଙ୍କା ଥିବା ବେଳେ କେବଳ ଉପରୋକ୍ତ ସ୍ଥାନରେ ୨୦ଟଙ୍କା ରଖାଯିବା ଓଡିଶାପ୍ରତି ବୈମାତୃକ ବୋଲି ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ସବିଶେଷ ତଥ୍ୟ ରେଳଡିଭିଜନ୍‌କୁ ପଠାଯିବାପରେ ରେଳ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶପରେ ଆଜିଠାରୁ ପ୍ଲାଟଫର୍ମ ଟିକଟର ମୂଲ୍ୟ ୧୦ ଟଙ୍କା ହୋଇଥିବା ଏକ ବିଜ୍ଞାପନ ରେଳବାଇ ପକ୍ଷରୁ ପ୍ରକାଶ ପାଇଛି । ଏଣିକି ସବୁଷ୍ଟେସନରେ ପ୍ଲାଟଫର୍ମ ଟିକଟର ମୂଲ୍ୟ ୧୦ଟଙ୍କା ହୋଇଛି । ଅପରପକ୍ଷରେ ଖଡଗପୁର ଡିଭିଜନ୍‌ରେ ସମସ୍ତ ପାସେଞ୍ଜର ଟ୍ରେନ୍ ଯଥାରୀତି ଚାଲିଥିବା ବେଳେ ଖଡଗପୁର-ରାଣୀତାଲ ମଧ୍ୟରେ ମାତ୍ର ୧ଟି ଓ ଜଳେଶ୍ୱର -ହାୱଡା ମଧ୍ୟରେ ଅନ୍ୟଏକ ପାସେଞ୍ଜର ଟ୍ରେନ ଚଳାଚଳ ଆରମ୍ଭ କରିଛି । ପୂର୍ବରୁ ଚଳାଚଳ କରୁଥିବା ସମସ୍ତ ପାସେଞ୍ଜର ଟ୍ରେନ ଚଳାଚଳ କରିବାକୁ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି ।

## ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ଭଲିଭଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ମିଶନ ହାଇସ୍କୁଲ ପଡ଼ିଆରେ ରବିବାର ଉଦଘାଟିତ ହୋଇଯାଇଛି । ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା କ୍ରୀଡ଼ା ସଂଘର ଉପ-ସଭାପତି ବିରେନ୍ଦ୍ର ସ୍ୱାଇଁ ଓ ସୁକାନ୍ତ ନାୟକ ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ବାଲେଶ୍ୱର ଜିଲାର ବିଭିନ୍ନ ଅଂଚଳରୁ ୧୪ଗୋଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏଥିରୁ ମନୋନୀତ ଖେଳାଳି ଓ ଦଳ ଆସନ୍ତା ନଭେମ୍ବର ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଓ ଫୁଲବାଣୀ ଜିଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଭାଗନେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ସଞ୍ଜୟ ଲେଙ୍କା, କାର୍ତ୍ତିକ ନାୟକ, ନିମାଇ ଚରଣ ରାଉତରାୟ, ସୁଜୟ କୁମାର ଆଚାର୍ଯ୍ୟ, ପ୍ରଦୀପ ଦାସ, ଶେଖ ସାଦିକ ଅଲୀ, ଗୋପାଳ ସେଠୀ, ଜନ୍ମଜେୟ ଦେ ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ସେଣ୍ଟ୍ରାଲ ପକ୍ଷରୁ ମଧୁମେହ ପରୀକ୍ଷା ଶିବିର

ବାଲେଶ୍ୱର,୩୧/୧୦ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ସେଣ୍ଟ୍ରାଲ ପକ୍ଷରୁ ସହରର ଗୁଡ଼ିପଦା ହନୁମାନ ମନ୍ଦିର ନିକଟ ଗୋଷ୍ଠୀକେନ୍ଦ୍ରରେ ଏକ ମାଗଣା ମଧୁମେହ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଏହି ଶିବିରକୁ ଉଦଘାଟନ କରିବା ସହିତ କ୍ଲବର କର୍ମକର୍ତ୍ତା ଓ ସଦସ୍ୟଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବାଲେଶ୍ୱର ସହରର ବସ୍ତି ଅଞ୍ଚଳ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ " ବାଲେଶ୍ୱର ରୋଟାରୀ କ୍ଲବ ସେଣ୍ଟ୍ରାଲର ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ସେ କହିଥିଲେ । ବାଲେଶ୍ୱର ରୋଟାରୀ କ୍ଲବ ସେଣ୍ଟ୍ରାଲର ସଭାପତି ନିରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ମଧ କ୍ଲବ ପକ୍ଷରୁ ଏହି ଭଳି ସମାଜ ସେବା ମୂଳକ କାର୍ଯ୍ୟଧାରା ଜାରି ରହିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ଦେବାଶିଷ ମିଶ୍ର, ପୂର୍ବତନ ସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ସ୍ୱୟଂ କୁମାର ମିଶ୍ରଙ୍କ ସମେତ ଗୌରହରି ମଲ୍ଲିକ, ବିଶ୍ୱଜିତ ପ୍ରଧାନ, ସପନ ବେହେରା, ଜୟନ୍ତ ରଣା, ଅବିନାଶ ପାଣିଗ୍ରାହୀ, ପ୍ରଦୀପ୍ତ ସେନାପତି ପ୍ରମୁଖ ଏହି ଶିବର ପରିଚାଳନା କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୧/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୩୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ଦୁଇ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ବେଳେ ପୁରୀ ଓ ମୟୁରଭଂଜ ଜିଲ୍ଲାରେ ଜଣେ ଲେଖାଏଁ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ଧାନକେଣ୍ଡାରେ ପଶିଲା ବର୍ଷା ଓ ବନ୍ୟାପାଣି : ୫୦ ପ୍ରତିଶତ ଧାନ ଅଗାଡି

ଜଳେଶ୍ୱର ୩୧/୧୦(ନିପ୍ର): ଚଳିତବର୍ଷ ଧାନ କେଣ୍ଡା ଗର୍ଭରୁ ବାହାରିବା ସମୟରେ ଲାଗ ଲାଗ ବର୍ଷା ଓ ଉଦ୍‌ବୃତ୍ତ ବର୍ଷାପାଣିରେ ଜଳେଶ୍ୱର ବ୍ଲକର ବିଭିନ୍ନ ଅଂଚଳ ର ଧାନଜମିରେ ପାଣିର ଢେଉ ଦେଖା ଦେବାରୁ ପ୍ରତିକେଣ୍ଡା ଗର୍ଭରେ ପାଣି ପଶିଥିଲା । କିନ୍ତୁ ଏବେ କେଣ୍ଡାରୁ ଧାନ ବାହାରିବାପରେ ତାହା ସବୁ ଅଗାଡି ହୋଇଥିବା ଦେଖିବାକୁ ମିଳୁଛି । ଏହା ଦେଖି ଚାଷୀମାନେ ମୁଣ୍ଡରେ ହାତମାରି ବସିଛନ୍ତି । ସମଗ୍ର ଉତ୍ତର ବାଲେଶ୍ୱରରେ ଚଳିତବର୍ଷ ସର୍ବାଧିକ ଧାନଚାଷ ଜଳେଶ୍ୱର ବ୍ଲକରେ ହୋଇଥିବା କୃଷି ବିଭାଗ ତଥ୍ୟରୁ ଜଣାପଡିଛି । ମୋଟ ୨୦୨୦ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ବିଭିନ୍ନ ତଳିଆ ଅଂଚଳରେ ଧାନଗଛ ପଚି ନଷ୍ଟ ହୋଇଛି । ଏହା ବ୍ୟତିତ ଅକ୍ଟୋବର ୭ ଓ ୧୮ ତାରିଖରେ ପ୍ରବଳ ବର୍ଷା ଦେଖା ଦେଇଥିଲା । ଏପରିକି ଗୋଟିଏ ଗୋଟିଏ ଦିନରେ ୨୧୭ ମିମି. ବର୍ଷା ହୋଇ ରେକର୍ଡ ସୃଷ୍ଟି ହୋଇଥିଲା । ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଓ ଜଳେଶ୍ୱର ଅଂଚଳରେ ଲଗାତାର ବର୍ଷାଯୋଗୁଁ ବିଭିନ୍ନ ସ୍ଥାନରେ ଧାନଗଛ ପାଣିରେ ବୁଡି ରହିଥିଲା । ଭାଗ୍ୟକୁ ସେତିକିବେଳେ ଗର୍ଭଣା ସଂକ୍ରାନ୍ତି ହୋଇଥିବାରୁ ବାହାରୁଥିବା ଧାନକେଣ୍ଡାରେ ପାଣି ପଶିଥିଲା । ଏବେ ସେହି ଧାନକେଣ୍ଡା ଗୁଡିକ ବାହାରିବାପରେ ଅଗାଡି ହୋଇଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି । ଉଦାହରଣ ସ୍ୱରୂପ ନଛିମପୁର ପଂଚାୟତର ଆମ୍ବଳିଅଠା ଗାଁର ବହୁ ଚାଷଜମିରେ ଏପରି ଅବସ୍ଥା ଦେଖିବାକୁ ମିଳିଛି । କେବଳ ଗୋଟିଏ ଗାଁ ନୁହେଁ, ଏପରିକି ଉଚ୍ଚ ଜମିଗୁଡିକ ମଧ୍ୟ ଏଥିରୁ ନିସ୍ତାର ପାଇନାହିଁ । ପୁଣି ଗର୍ଭଣାବେଳେ ବର୍ଷା ଓ ମେଘୁଆ ପାଗ ଲାଗି ରହିବାରୁ କାଣ୍ଡବିନ୍ଧା ପୋକ ଓ ମୂଳିପଚା ରୋଗ ବ୍ୟାପକ ଦେଖା ଦେଇଛି ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ବାରିପଦା,୩୧/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ବାରିପଦା ଉପଜିଲ୍ଲାପାଳଙ୍କ ଅଫିସ ନିକଟରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଆରମ୍ଭ ହୋଇଯାଇଛି । ଏହାର ମୂଳ ଲକ୍ଷ୍ୟ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରି ଏହାକୁ ପୁନଃ ବ୍ୟବହାର ଯୋଗ୍ୟ କିପରି କରାଯାଇ ପାରିବ ସେଉପରେ ସଚେତନତା ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ସବୁଜ ପାତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ରାଷ୍ଟ୍ରିୟ ସେବା ସଂସ୍ଥାନର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତିରଞ୍ଜନ ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ବିଭନେଶ ଏମ., ରାଷ୍ଟ୍ରିୟ ସେବା ସମ୍ମାନର ଏମପିସି ସ୍ୱୟଂ ସାଶିତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ପ୍ରମୁଖ ଡ. ଅନାମ ଚରଣ ରାଉଳ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସୁପର ଭାଇଜର ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ନେହେରୁ ଯୁବ କେନ୍ଦ୍ର ଓ ରାଷ୍ଟ୍ରିୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ମାନେ ଉପଜିଲ୍ଲାପାଳଙ୍କ ଅଫିସ ରୁ ଆରମ୍ଭ କରି ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭୫ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

## ଲୋକେ ଚରିତ୍ରବାନ, ପରାକ୍ରମୀ ଓ ଦାୟିତ୍ୱବାନ ହେଲେ ଶ୍ରେଷ୍ଠ ଦେଶ ଗଠନ ହୋଇପାରିବ : ପ୍ରତାପ ଷଡ଼ଙ୍ଗୀ

ନୀଳଗିରି,୩୧/୧୦ (ନି.ପ୍ର): ଲୋକେ ଚରିତ୍ରବାନ, ପରାକ୍ରମୀ ଓ ଦାୟିତ୍ୱବାନ ହେଲେ ସେ ଦେଶ ଶ୍ରେଷ୍ଠ ଦେଶ ଭାବେ ପରିଚୟ ସୃଷ୍ଟି କରିପାରିବ ବୋଲି ବାଲେଶ୍ୱରର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ "ଏକ ଭାରତ ଶ୍ରେଷ୍ଠ ଭାରତ" ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ପ୍ରତିପାଦିତ କରିଥିଲେ । ନୀଳଗିରି ବ୍ଲକର ଧୋବଶିଳା ପଞ୍ଚାୟତର ଉଡ଼ାପଡ଼ିଆ ଠାରେ ଦୁଇ ଦିନିଆ "ଏକ ଭାରତ ଶ୍ରେଷ୍ଠ ଭାରତ" କାର୍ଯ୍ୟକ୍ରମରେ ୧ମ ଦିନରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର କ୍ଷେତ୍ର ପ୍ରଚାରକ ନିର୍ମାଲ୍ୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରି ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଏକ ଭାରତ ଶ୍ରେଷ୍ଠ ଭାରତ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ବକ୍ତା ଭାବେ ନୀଳଗିରି କଲେଜର ଅଧ୍ୟାପିକା ମନ୍ଦାକିନୀ ଧଳ, ବାଲେଶ୍ୱର ଜିଲ୍ଲା ସ୍ୱଚ୍ଛ ଭାରତ ଅଭିଯାନର ପରାମର୍ଶଦାତା ପ୍ରଶାନ୍ତ କୁମାର ସାହୁ, ଅତ୍ୟତମ ଅତିଥି ଭାବେ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନ ସଂପର୍କ କାର୍ଯ୍ୟାଳୟ ଭୁବନେଶ୍ୱରର ଅତିରିକ୍ତ ସହ ନିର୍ଦ୍ଦେଶକ ରାଜେନ୍ଦ୍ର ଚୌଧୁରୀ , ଧୋବଶିଳା ଗ୍ରା.ପ.ର ସମିତିସଭ୍ୟା ଜୟନ୍ତି ମଲ୍ଲିକ, ସରପଞ୍ଚ ମାଳତୀ ସିଂ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ୨ଦିନିଆ ଶିବିରକୁ କ୍ଷେତ୍ର ଜନସଂପର୍କ କାର୍ଯ୍ୟାଳୟ ବାଲେଶ୍ୱର ଦ୍ୱାରା ଆୟୋଜିତ କରାଯାଇଥିଲା ।


### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବଳରାମପୁର, ଲଙ୍ଗଳେଶ୍ୱର, ବାଲେଶ୍ୱର

ସ୍ଥାପିତ-୨୦୧୨, Regd.No.BLS-9536-40 On Date - 2018-19

**ବିଜ୍ଞାପନ**

ଏତଦ୍ୱାରା ସର୍ବାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଳରାମପୁର, ଲଙ୍ଗଳେଶ୍ୱରରେ ଶିକ୍ଷାବର୍ଷ ୨୦୨୧-୨୨ ନିମନ୍ତେ ନୂତନ ନାମଲେଖା ଚାଲୁଅଛି । ଭାରତ ସରକାରଙ୍କ ଶିକ୍ଷାଧିକାର ଆଇନ ୨୦୦୯ ଏବଂ ଓଡ଼ିଶା ସରକାରଙ୍କ ଶିକ୍ଷାଧିକାର ଅନୁସାରେ ଆର୍ଥିକ ଅନଗ୍ରସର ଅନୁସୂଚୀତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୨୫ ଶତକଡ଼ା ସ୍ଥାନ ଦେୟମୁକ୍ତ ଶିକ୍ଷା ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଏଣୁ ଆଗ୍ରହୀ ଅଭିଭାବକମାନେ ଏହାର ସୁଯୋଗ ନେଇପାରିବେ ।

ସ୍ୱା/ସମ୍ପାଦକ

ଯୋଗାଯୋଗ- ୭୩୨୭୮୧୪୫୨୭, ୭୨୦୫୭୦୮୯୫୯





## ତେଜିଲା ମୟୂରଭଞ୍ଜରେ ବିଚ୍ଛିନ୍ନାଂଚଳର ଓଡିଆ ଭାଷା ଆନ୍ଦୋଳନ

### - ଝାଡଖଣ୍ଡରେ ଓଡିଆ ଭାଷାକୁ ଅସମ୍ମାନ ନେଇ ବାରିପଦାରେ ବିଶାଳ ଶୋଭାଯାତ୍ରା
### - ଜିଲ୍ଲାର ବହୁ ସାରସ୍ୱତ ଅନୁଷ୍ଠାନ ସହିତ ବିଚ୍ଛିନ୍ନାଂଚଳର ବହୁ ବୁଦ୍ଧିଜିବୀ ସାମିଲ



ବାରିପଦା,୩୧/୧୦ (ନି.ପ୍ର): ଝାରଖଣ୍ଡ ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ କୁନେଇ ନୀକଟ ଅତୀତରେ ବିଭିନ୍ନ ପ୍ରସଙ୍ଗ ଦେଖାଦେବା ପରେ ଓଡିଶା ତଥା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଛି । ଓଡିଶାରୁ ଅଲଗା ହୋଇ ବିଭିନ୍ନାଂଚଳ ଭାବରେ ରହିଥିବା ଓଡିଆ ଭାଷାଭାଷି ଷଢେଇକଳା, ଖରସୁଆଁ, ପୂର୍ବସିଂଭୁମ ଓ ପଶ୍ଚିମସିଂଭୁମ ଅଧିବାସୀଙ୍କ ପାଇଁ ଓଡିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନର ବେଶ ଆବଶ୍ୟକତା ରହିଛି । ଓଡିଆ ଭାଷା ଉଚ୍ଛେଦ ଓ ଅବହେଳା ପ୍ରସଙ୍ଗ ନେଇ ବିଚ୍ଛିନ୍ନାଂଚଳରେ ଲାଗି ରହିଥିବା ଧାରଣା, ଅନଶନ ସମାବେଶ ଇତ୍ୟାଦି ପାଇଁ ସଂଲଗ୍ନ ଓଡିଶା ରାଜ୍ୟର ମୟୁରଭଞ୍ଜ ଜିଲ୍ଲା ଅଧିବାସୀଙ୍କ ମନରେ ମଧ୍ୟ କ୍ଷୋଭ ଓ ଅଶାନ୍ତି ଦେଖା ଯାଇଅଛି । ତେବେ ଝାଡଖଣ୍ଡ ରାଜ୍ୟରେ ରହିଥିବା ଏହି ଓଡିଆ ଭାଷାଭାଷୀ ଅଂଚଳ ଗୁଡିକରେ ଓଡିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଜିଲ୍ଲାର ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡିଆ ଜାଗରଣ ମଂଚ, ମୟୁରଭଞ୍ଜ ସାହିତ୍ୟ ପରିଷଦ, ପ୍ରତିଶୃତି ପ୍ରତିଷ୍ଠାନ, ନନ୍ଦିଘୋଷ ସାହିତ୍ୟ ସମାଜ, ଉପାନ୍ତ ସାହିତ୍ୟ ସଂସଦ, ଗୋପବନ୍ଧୁ ସାହିତ୍ୟ ପରିଷଦ, ମୟୂର ସାହିତ୍ୟ ସଂସଦ ବେତନଟୀ, ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ଚିତ୍ରଡା, ବାରିପଦା ସମ୍ବାଦ ସାହିତ୍ୟ ଘର, ବାଣୀପୀଠ ବଡସାହି, ବନସାଥୀ ଉଦଳା, ବଳାଙ୍ଗୀ ସେନା ପ୍ରମୁଖ ବହୁ ଅନୁଷ୍ଠାନ ପକ୍ଷରୁ ଭାଷାଭିତିକ ସଂଗ୍ରାମ ପାଇଁ ସଂଙ୍କଳ୍ପ ବଦ୍ଧ ହୋଇ ଝାରଖଣ୍ଡ ସରକାରଙ୍କ ଓଡିଆ ଭାଷା ଜନନୀ ପ୍ରତି ଏଭଳି ଅସମ୍ମାନକୁ ଦୃଢ ପ୍ରତିବାଦ ପୂର୍ବକ ଆଜି ବାରିପଦାର ଅମ୍ବିକା ମନ୍ଦିର ନିକଟରୁ ଓଡିଆ ଭାଷା ପ୍ରେମୀ ସାହିତ୍ୟିକ, ବୁଦ୍ଧିଜିବୀ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର, କୃଷ୍ଣଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ, ବିଜୁ ଗୋଲେଇ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଝାରଖଣ୍ଡ ଓ ଓଡିଶା ରାଜ୍ୟ ସରକାରଙ୍କ ମିଳିତ ଆଲୋଚନା ମାଧ୍ୟମରେ ବିଛିନାଂଚଳରେ ଓଡିଆ ଭାଷାର ସୁରକ୍ଷା ସହ ଛାତ୍ରଛାତ୍ରୀଙ୍କୁ ଓଡିଆ ପଢିବା ନିମନ୍ତେ ପାଠ୍ୟକ୍ରମର ସମସ୍ତ ସୁବନ୍ଦୋବସ୍ତ କରାନଗଲେ ମୟୁରଭଞ୍ଜ ଅଧିବାସୀଙ୍କ ତରଫରୁ ଏହି ଭାଷା ଆନ୍ଦୋଳନକୁ ଆଗକୁ ଆହୁରି ବ୍ୟାପକ କରାଯାଇ ଏକ ଗଣ ଆନ୍ଦୋଳନରେ ପରିଣତ କରାଯିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଅନୁଷ୍ଠାନ ସମୂହ ତରଫରୁ ଘୋଷଣା କରାଯାଇଛି। ଆଜିର ଏହି ଶୋଭାଯାତ୍ରାରେ ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଦ୍ମନାଭ ସାହୁ, ଡ. ବିଜୟ କୁମାର ଅଗ୍ରୱାଲା, ପ୍ରତିଶୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା, ସମ୍ବାଦ ସାହିତ୍ୟଘର ସମ୍ପାଦକ ଡ. ଦୀନବନ୍ଧୁ ଭଂଜ, ମୟୂରଭଞ୍ଜ ସାହିତ୍ୟ ସଂସଦର ଜ୍ୟୋତିନ୍ଦ୍ର ନାଥ ସାହୁ, ନୀରୋଦ ସୁନ୍ଦର ଜେନା, ରବିନ୍ଦ୍ର ନାଥ ଖଟୁଆ, ବାଣୀପୀଠ ର ଡ. କୁମାର ବାବୁଲି, ପ୍ରମୁଖ ଶତାଧିକ ଓଡିଆ ଭାଷାପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo